Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 234
Sunday, 1 November 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୧ ନଭେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ମାଟିତଳୁ ନିଖୋଜଙ୍କୁ ଖୋଜିବ ସେନ୍ସର : ମୁଖ୍ୟମନ୍ତ୍ରୀ ଅର୍ଣ୍ଣବ ଗଲା, ଆସୁଛି ମୁରାସୁ !

ଭୁବନେଶ୍ୱର: ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା । ଭୂତଳନ ପ୍ରଭାବିତ ପ୍ରତ୍ୟେକଟି ଅଂଚଳରେ ଉଦ୍ଧାର କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନିଆଯାଉ ଏବଂ ମାଟି ତଳେ ଫସି ରହିଥିବା ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ସମସ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କହିଛନ୍ତି । ବାତ୍ୟା ସ୍ଥାୟୀ ସଂପତ୍ତି ବିନାଶ ସହ ଆମ ଆଗାମୀ ବାତ୍ୟାର ସମ୍ପର୍କ ମୁକାବିଲା ନିମନ୍ତେ ପ୍ରଶାସନର ସମସ୍ତ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହି କାର୍ଯ୍ୟ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ସମ୍ପତ୍ତି ବାତ୍ୟା 'ଅର୍ଣ୍ଣବ' ପରେ ଘଟିଥିବା ଭୂତଳନ ଜନିତ ସ୍ଥିତି, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ଆଗାମୀ ସାମ୍ଭାବ୍ୟ ବାତ୍ୟାର ମୁକାବିଲାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଜଣିଛନ୍ତି, ବିପର୍ଯ୍ୟୟ ସମୟରେ ରାଶନାମ୍ବାମକୁ ସମ୍ପୂର୍ଣ୍ଣ ଆଧିକାରିକ ଓ



ସଠିକ୍ ତଥ୍ୟ ଯୋଗାଇ ଦିଆଯାଉ । ରାଶନାମ୍ବାମ ନିଜସ୍ତରେ ସତ୍ୟ ଓ ନିର୍ଭୁଲ ତଥ୍ୟ ପଙ୍ଗଚିତା ସହ ଗିରିଫ୍ ଓ ଉଦ୍ଧାର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିବ । ଏହି ସମୀକ୍ଷା ବୈଠକ ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ରେଡ଼ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଉଦ୍ଧାର କାର୍ଯ୍ୟରେ ରେଳ ବିଭାଗର ବଲ୍ଲିୟ ସହଯୋଗ ଲୋଡ଼ିଛନ୍ତି । କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ପ୍ରଦାନ ସୁନିଶ୍ଚିତ କରାଯାଇଛି । ଭୂତଳନ ପ୍ରଭାବିତ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ପାଇଁ ରେଳବାଇ ସହାୟତାରେ ଚେନ୍ନ ପୁଲି ସିଷ୍ଟମ୍ ବ୍ୟବସ୍ଥାର ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି । ଉକ୍ତ କୋଷ୍ଟ ରେଳବର୍ତ୍ତ ପଥରୁ ଏହି ଚେନ୍ ପୁଲି ବ୍ୟବସ୍ଥାକୁ ଦ୍ରୁତନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ଯେ ଉଦ୍ଧାର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜି.ଉଦୟଗିରି ଭୂତଳନ ସ୍ଥଳରେ ସିଧାସଳଖ ଜାମ କରିବା ନିମନ୍ତେ ରେଡିକପ୍ଟର ଯୋଗେ ଅତ୍ୟାଧୁନିକ 'ସିଚ୍ୱିମିକ୍ ଲାଇଟ୍, ଡିଟେକ୍ସନ୍ ସୁନିଟ୍' ପଙ୍ଗଚାରୀ ପାଇଁ ବ୍ୟବସ୍ଥା କରାଯାଇଛି । ଭାରତୀୟ ନୌସେନା ଦ୍ୱାରା ବ୍ୟବହୃତ ଏହି ଅତ୍ୟାଧୁନିକ ପ୍ରଯୁକ୍ତିରେ ଥିବା ସ୍ପଟର ସେନ୍ସର ଓ ସ୍ୟାନିଂ ମାଧ୍ୟମରେ ମାଟି, ପଙ୍କ କିମ୍ବା ଭଗ୍ନାବଶେଷ ତଳେ ଥିବା ଜୈବିକ ସଙ୍କେତକୁ ସହଜରେ ଚିହ୍ନଟ କରାଯାଇପାରିବ ।

ଭୁବନେଶ୍ୱର, ୩୧/୧୦ (ଆ.ପ୍ର) : ଅର୍ଣ୍ଣବର ଯନ୍ତ୍ରଣା ଜମିନି ପୁଣି ସୃଷ୍ଟି ହୋଇଛି ବଂଗୋପସାଗରରେ ଆଉ ଏକ ବାତ୍ୟା ଆଶଙ୍କା । ପାଣିପାଗ ବିଭାଗର ଆକଳନ ଅନୁସାରେ ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି । ସମୁଦ୍ରରେ ବଳ ଗୋଟାଇ ଜାରି ବାତ୍ୟାରେ ପରିଣତ ହୋଇପାରେ । ପରବର୍ତ୍ତି ସମୟରେ ଆନ୍ଧ୍ର ଉପକୂଳ ନିକଟରେ ପହଂଚିପାରେ । ଏହାର ପ୍ରଭାବରେ ଓଡ଼ିଶାରେ ପୁଣି ହୋଇପାରେ ବର୍ଷା । ବଂଗୋପସାଗରରେ ପୁଣି ସୃଷ୍ଟି ହୋଇଛି ଅବପାତ । ଆସନ୍ତାକାଲି ସୁଦ୍ଧା ଏହା ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଛି । ସମୁଦ୍ରରେ ଥାହୁରି ଶକ୍ତିଶାଳୀ ହୋଇ ବାତ୍ୟାର ରୂପ ନେପାରେ । ବାତ୍ୟା ସୃଷ୍ଟି ହେବା ପରେ ପଶ୍ଚିମ-ଉତର ପଶ୍ଚିମ ଦିଗରେ ଗତିକରି ନଭେମ୍ବର ୨ ତାରିଖ ସନ୍ଧ୍ୟା ବେଳକୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ର ଉପକୂଳ ପାଖାପାଖି ପହଂଚିବା ସମ୍ଭାବନା ରହିଛି । ନଭେମ୍ବର ୨ ତାରିଖ ବିକାଲିତ ରାତିରୁ ୩ ତାରିଖ ଭୋର ପ୍ରାୟ ୨ଟାରୁ ସକାଳ ୫ଟା ମଧ୍ୟରେ ଆନ୍ଧ୍ର ଉପକୂଳ ଛୁଇଁପାରେ ବାତ୍ୟା ମୋଚାରୁ । ପାଣିପାଗ ବିଜ୍ଞାନୀଙ୍କ ଆକଳନ ଅନୁସାରେ ବର୍ତମାନ ପବନର ବେଗ ଘଂଗପ୍ରତି ୪୫ କିମି ରହିଛି । ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ, ପବନର ବେଗ ଘଂଗପ୍ରତି ୭୫ରୁ ୮୫ କିମି ହୋଇପାରେ । ଝଟକା ପବନର ବେଗ ୯୫ରୁ ୧୦୦ କିମି ହୋଇପାରେ । ପ୍ରଭାବରେ ଦକ୍ଷିଣ ଓଡ଼ିଶା ଜଘତ୍ତରେ ପବନର ବେଗ ବୃଦ୍ଧି ସହ ସମୁଦ୍ର ଅଶାନ୍ତ ହେବାର ଆଶଙ୍କା ରହିଛି । ଗୋପାଳପୁର, ଛତ୍ରପୁର ଓ ଆଖପାଖ ଅଂଚଳରେ ଗଡ଼ୁଗଡ଼ି ସହ ଝଟକା ପବନ ବହିପାରେ । ୨ ନଭେମ୍ବରରୁ ୪ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟ ବର୍ଷାର ପ୍ରଭାବ ରହିବ । ୨ ନଭେମ୍ବରରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ବଢ଼ିବ । ବିଶେଷ କରି ଗଜାମ ଏବଂ ଗଜପତି ଜିଲ୍ଲାରେ ଅଧିକ ବର୍ଷା ସମ୍ଭାବନା ରହିଛି । ଗୋଟିଏପଟେ ଅର୍ଥବ ଡେରାଯାଇଥିବା ଯନ୍ତ୍ରଣରେ ହଜାର ହଜାର ଲୋକ ଜଳବନ୍ଦ ହେଇଛନ୍ତି । ଏତିକିବେଳେ ଆଉ ଏକ ବାତ୍ୟା ଆସିବା ବିପତ୍ତୁକ ଚିନ୍ତାକୁ ବଢ଼ାଇ ଦେଇଛି । ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ବର୍ଷାକୁ ଦୃଷ୍ଟିରେ ରଖି ଜାଖାମାନଙ୍କୁ ସତର୍କ ରହିବାକୁ ଦିଆଯାଇଛି ପରାମର୍ଶ । ଏଥିସହ ତଳିଆ ଓ ପାହାଡ଼ ତଳେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଦିଆଯାଇଛି ନିର୍ଦ୍ଦେଶ ।

ଜେଲରୁ ବାହାରିବା ମାତ୍ରେ ପୁଣି ଗିରଫ ହେଲେ ଆଜମ ଖାନ



ନୂଆଦିଲ୍ଲୀ, ୩୧/୧୦ (ନ୍ୟୁ.ଏ): ଉତରପ୍ରଦେଶର ରାମପୁରରୁ ଆସିଛି ବଡ଼ ଖବର । ଜେଲ୍‌ରୁ ମୁକୁଳିବା ମାତ୍ରେ ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନଙ୍କୁ ଗିରଫ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ଶନିବାର ଦିନ ରାମପୁର ଜେଲ୍‌ରୁ ତାଙ୍କୁ ମୁକ୍ତ କରାଯାଇଥିଲା । କିନ୍ତୁ ଜେଲ୍‌ରୁ ବାହାରିବାର କିଛି ସମୟ ମଧ୍ୟରେ ଇଡି ଟିମ୍ ତାଙ୍କୁ ନିଜ ହେପାଜତକୁ ନେଇଯାଇଥିଲା । ଏଡେ ରବିବାର ସକାଳ ପ୍ରାୟ ୧୦ଟା ସମୟରେ ଆଜମ ଖାନଙ୍କୁ କୋର୍ଟରେ ଛାଡ଼ର କରି ଓମାଖରେ ନେବାକୁ ଦାବି କରିବ ଇଡି । ସୂଚନା ଅନୁସାରେ, ଆଜମ ଖାନ୍ ?ଙ୍କ ବିରୋଧରେ ଗତ ଅକ୍ଟୋବର ୧୪ ତାରିଖରେ ଇଡି ଏକ ମାମଲା ରୁଜୁ କରିଥିଲା । ଅନ୍ୟପକ୍ଷରେ ଆଜୁବାଜ ଦାଇଲୋର୍ଟରୁ ଜାମିନ ମିଳିବା ପରେ ଆଜମ ଖାନ୍ ଏବଂ ତାଙ୍କ ପୁଅ ଅବଦୁଲ୍ଲା ଆଜମ ଜେଲ୍‌ରୁ ମୁକୁଳିବେ ବୋଲି ଆଶା କରାଯାଇଥିଲା । ଏହି ସମୟରେ ଇଡିର ଏକ ଟିମ୍ ଉଜରର ସଦାନଙ୍କ ସହ ରାମପୁର ଜେଲ୍ ବାହାରେ ପହଂଚିଥିଲା । ଆଜମ ଖାନ୍ ଜେଲ୍‌ରୁ ବାହାରିବା ପରେ ତାଙ୍କୁ ଇଡି ଅଧିକାରୀମାନେ ହେପାଜତକୁ ନେଇଥିଲେ । ପରେ ତାଙ୍କୁ ଗିରଫ କରାଯାଇଥିଲା । ତେବେ ତାଙ୍କ ପୁଅ ଅବଦୁଲ୍ଲା ଆଜମଙ୍କ ଜେଲ୍‌ରୁ ମୁକ୍ତିକୁ ନେଇ ଏପର୍ଯ୍ୟନ୍ତ ସ୍ପିରିଟ ସ୍ପଷ୍ଟ ହୋଇନାହିଁ । ଦୁଇଟି ପାନ୍ କାର୍ଡ ମାମଲାରେ ଟ୍ରାଏଲ୍ କୋର୍ଟ ଦେଇଥିବା ରାୟକୁ ବ୍ୟାଲେଞ୍ଚ କରି ଆଜମ ଖାନ୍ ଏବଂ ଅବଦୁଲ୍ଲା ଆଜମ ଆଜୁବାଦ ହାଇକୋର୍ଟରେ ଜିମିନାଲ୍ ? ରିଭିଜନ୍ ? ଯାଚିକା ଦାଖଲ କରିଥିଲେ । ଏଥିରେ ଦୋଷସିଦ୍ଧି ଉପରେ ରୋକ୍ ଲଗାଇବା, ଦଣ୍ଡାଦେଶକୁ ସ୍ଥଗିତ ରଖିବା ଏବଂ ଅବ୍ରତୀୟ ଜମିନରେ ମୁକ୍ତ କରିବାକୁ ଦାବି କରିଥିଲେ । ଗତ ଅକ୍ଟୋବର ୧୫ ତାରିଖରେ ଏହି ମାମଲାର ଶୁଣାଣି ଶେଷ ହେବା ପରେ କୋର୍ଟ ରାୟ ସଂରକ୍ଷିତ ରଖିଥିଲେ । ପରେ ଜଷ୍ଟିସ୍ ସମିତ ଗୋପାଳଙ୍କ ଏକକ ଖଣ୍ଡପୀଠ ରାୟରେ ଜାମିନ ଆବେଦନକୁ ମଞ୍ଜୁର କରିବା ସହ ଦଣ୍ଡାଦେଶକୁ ସ୍ଥଗିତ ରଖିଥିଲେ । କିନ୍ତୁ ଦୋଷସିଦ୍ଧି ଉପରେ ରୋକ୍ ଲଗାଇବାକୁ ଜରିଥିବା ଆବେଦନକୁ ଖାରଜ କରିଦେଇଥିଲେ ।

ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଇଣ୍ଡିଆ ବ୍ଲକର ଚାର୍ଜସିଟ୍

ନୂଆଦିଲ୍ଲୀ, ୩୧/୧୦(ନ୍ୟୁ.ଏ): ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀଙ୍କ ଜନ ମହାଭିଯୋଗ କାର୍ଯ୍ୟକ୍ରମ । ବିରୋଧୀ ଇଣ୍ଡିଆ ବ୍ଲକ ଆଜି ଦ୍ୱାୟା ସଂସଦ ମାଧ୍ୟମରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଆଣିଛି ମହାଭିଯୋଗ ପ୍ରସ୍ତାବ । କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ ପକ୍ଷରୁ ଏହି ଦ୍ୱାୟା ସଂସଦରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଦାଖଲ ହୋଇଛି ଚାର୍ଜସିଟ । ଜ୍ଞାନେଶ କୁମାରଙ୍କୁ ସିଇସି ମଧ୍ୟରୁ ହଟାଇ ତାଙ୍କ ବିରୋଧରେ ଭୋଟ ଚୋରି ପାଇଁ ଦେଶଦ୍ରୋହ ମାମଲା ରୁଜୁ କରିବାକୁ ମହାଭିଯୋଗ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି । କଂଗ୍ରେସର ରାଜ୍ୟସଭା ସାଂସଦ ତଥା ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖରଗେଙ୍କ ୧୦ ଜନିତା ମାର୍ଗ ବାସଭବନରେ ଏହି ଦ୍ୱାୟା ସଂସଦ ଶନିବାର ଅପରାହ୍ନ ୩.୩୦ରେ ଆରମ୍ଭ ହୋଇଥିଲା । ଏହାର ଅଧ୍ୟକ୍ଷତା କରିଛନ୍ତି ଲୋକସଭାର ପୂର୍ବତନ ଦାତ୍ୟସ୍ଥତି ମୀରା କୁମାରୀ । ଭୋଟି ଚୋରି ଅଭିଯୋଗ କରି ଇଣ୍ଡିଆ ବ୍ଲକ ଦ୍ୱାୟା ସଂସଦରେ ସିଇସି ଜ୍ଞାନେଶ କୁମାର ଓ କେନ୍ଦ୍ର ସରକାରଙ୍କ ଉପରେ ଚୋରବାର ବର୍ଷିଛି । ଦ୍ୱାୟା ସଂସଦରେ ଶୁକ୍ରବାର 'ଜନ ମହାଭିଯୋଗ' ପ୍ରସ୍ତାବ ଆଗତ କରିଛନ୍ତି । ସେ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଥିବା ଅଭିଯୋଗକୁ ମଧ୍ୟ ଉପସ୍ଥାପନ କରିଛନ୍ତି । ତାଙ୍କ ଇଚ୍ଛିବା କଥା ଯେ ଭୋଟର ତାଲିକାର ନେହ୍ରୁସ ନିୟନ୍ତଣର ଦୋଷୀ ହେଇଛନ୍ତି ଜ୍ଞାନେଶ କୁମାର । ଇଣ୍ଡିଆ ବ୍ଲକ ସର୍ବସମ୍ମତିକ୍ରମେ ତାଙ୍କ ଚରପଟା ଦାବି କରୁଛି । ସେ ଭୋଟି ଚୋରିରେ ସହାୟତା କରିଥିବାରୁ ତାଙ୍କ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଚଢ଼ାଉ ଉପରେ ଆକ୍ରମଣ କରିଛନ୍ତି । ସେ ରୋଟି ଚୋରିରେ ଦେଶଦ୍ରୋହ ମାମଲା ରୁଜୁ କରାଯାଉଛି । ଭୋଟର ତାଲିକାର ସ୍ପଚ୍ଚତ୍ୱ ସଂଜକ୍ତ ବନ୍ଦ କରାଯାଉ ଓ ୨୦୨୩ରେ ସିଇସି ନିଯୁକ୍ତି ଓ ସୁରକ୍ଷା ପାଇଁ ଏକତରଫା ଭାବେ ପାରିତ ଆଇନକୁ ରଦ କରାଯାଉ । ସିଇସି ଜ୍ଞାନେଶ କୁମାରଙ୍କ ଉଜି ଲୋକ ଯଦି ସାମିଧାନିକ ପଦରେ ରହିବେ, ତା'ହେଲେ ଗଣତନ୍ତ୍ର ପାଇଁ ବିପଦ ବୋଲି 'ଜନ ମହାଭିଯୋଗ' ପ୍ରସ୍ତାବରେ ଉଲ୍ଲେଖ କରିଛି ।

ଏହି ପ୍ରସ୍ତାବକୁ ଆଗତ କରି ଖଡଗେ କହିଛନ୍ତି ଯେ "୨୦୨୩ ଡିସେମ୍ବରରେ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଜାଡନବଧ୍ୟପା ଆଇନଗତ ସୁରକ୍ଷା ଦେଇଛି । ବାସ୍ତବରେ ଏହା ଦେଶ ଓ ସାମିଧାନ ବିରୋଧରେ ସେ କରିଥିବା ଅପରାଧିକ କାର୍ଯ୍ୟକଳାପରୁ ତାଙ୍କୁ ସୁରକ୍ଷା ଦେବା ପାଇଁ ହୋଇଛି । ତେଣୁ ସିଇସି ଜ୍ଞାନେଶ କୁମାରଙ୍କୁ ଚଢ଼ାଇ ରାବେ ବରଖାସ୍ତ କରାଯାଉ । ଇଣ୍ଡିଆ ବ୍ଲକର ସାଂସଦମାନେ ଦେଶର ୬୦% ଲୋକଙ୍କୁ ପ୍ରତିନିଧିତ୍ୱ କରନ୍ତି । ଏଥିସହ ଏହି କାର୍ଯ୍ୟକ୍ରମରେ ଅନେକ ସାମାଜିକ ସଂଗଠନ ମଧ୍ୟ ସାମିଲ ହୋଇଛନ୍ତି । ସମସ୍ତେ ମିଳିତ ରାବେ ସଂକଳ୍ପ ନେଇଛନ୍ତି ଯେ ରାବରତ ଲୋକଙ୍କ ସହ ଏପରି ଘୋର ବିଶ୍ୱାସଘାତକତା ପାଇଁ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଚାଲିବା ଦରକାର ।" ବିଜେପିକୁ ବିରୋଧ କରୁଥିବା ଭୋଟରଙ୍କ ନାଁକୁ ଡିଲିଟ କରିବା ପାଇଁ ରାଜତାୟ ନିର୍ବାଚନ କମିଶନ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆରର ବ୍ୟବହାର କରିଥିବା ଖଡଗେ ଅଭିଯୋଗ କରିଛନ୍ତି ।

୩ ଯାଏଁ ଗଞ୍ଜାମ ଜିଲ୍ଲାରେ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ର ଛୁଟି

ଭୁବନେଶ୍ୱର, ୩୧/୧୦ (ଆ.ପ୍ର) : ଗଞ୍ଜାମ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିସହ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି, ସ୍କୁଲ, ଚିତ୍ରୀ କଲେଜ, ବୈଷୟିକ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି । ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାପାଳ ଏହି ଛୁଟି ଘୋଷଣା କରିଛନ୍ତି । ତେବେ ଏହି ସମୟରେ ଶିକ୍ଷକ ଓ କର୍ମଚାରୀ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ । ସୂଚନାଯୋଗ୍ୟ ଯେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଜିଲ୍ଲାରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ବିଜିନ୍ନ ଅଂଚଳ ଜଳମଗ୍ନ ହୋଇଛି । ଅନେକ ସ୍ଥାନରେ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । ଏଥିସହ ବଙ୍ଗୋପସାଗରରେ ଆଉ ଏକ ଦୂର୍ଦ୍ଦବନର ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଗଞ୍ଜାମ ଜିଲ୍ଲାରେ ଆଗାମୀ ୨ ଓ ୩ ତାରିଖରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏଥିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି ।

କୋରାପୁଟରେ କୋଟିଆ ଟକ୍କର, ମାଲକାନଗିରିରେ ନୂଆ କାହାଣୀ

କୋଟିଆକୁ ନେଇ ଆହୁ-ଓଡ଼ିଶାର ଛତ୍ରାପଂଚ । ମଧ୍ୟରେ ସାମ୍ନାକୁ ଆସିଛି ନୂଆ ଟ୍ୱିଷ୍ଟ । ଓଡ଼ିଶାରେ ପ୍ରଥମ ପଡ଼ିବ ଦ୍ୱିତୀୟ ପର୍ଯ୍ୟାୟ ଭୋଟ । ଏଥିପାଇଁ ଆଜି ସନ୍ଧ୍ୟା ୫ଟାରେ ପ୍ରଚାର ବନ୍ଦ ହୋଇଯାଇଛି । ଏହି ଦୁଇ ଜିଲ୍ଲାରେ ମୋଟ ୧୨ ଜଣ ପ୍ରାର୍ଥୀ ଭାଗ୍ୟ ପରୀକ୍ଷା କରୁଛନ୍ତି । ଏଥିରେ ୧୦ ଜଣ ପୁରୁଷ ଓ ୨ ଜଣ ମହିଳା ପ୍ରାର୍ଥୀ ରହି

ସେଠୋ ଆରମ୍ଭ
SEITHO ARAMBHA
ରବିବାର, ୧ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ରାଇକିଆ ସୁଧାକିରଣ କଲେଜରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ



ଦିଇାଗାଲି, ୩୧/୧୦ (ଆ.ପ୍ର) : ଲକ୍ଷ୍ମାଜ ଜିଲ୍ଲା ରାଇକିଆ ସୁଧାକିରଣ କଲେଜରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଦୀନବନ୍ଧୁ ମାନ୍ତ୍ରି ଯୁବ ସମାଜ ନିର୍ଶାସକ୍ତ ଓ ପଥ ଭ୍ରଷ୍ଟ ନରୋଜ ବିକଶିତ ଭାରତ ଗଠନରେ ନିଜର ଦାୟିତ୍ୱ ବୁଝାଇବା ସହ ଗଣତନ୍ତ୍ର ରାଷ୍ଟ୍ରରେ ନିଜର ମତଦାନ କିପରି କରିବେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡାକ୍ତର ଜ୍ୟୋତି ମହାବିଦ୍ୟାଳୟର ଅଧ୍ୟାପିକା ଗାତାଞ୍ଜଳି ଗନ୍ତାୟତ ଓ ଅଧ୍ୟାପିକା ବିଦ୍ୟୁତ୍‌ଜ୍ୟୋତି ମଲ୍ଲିକ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର୍ ନିଜାଂଚଳ ସାହୁ, ଅଧ୍ୟାପକ ଆଲୋକ କୁମାର ପରିଡା, ଧର୍ମୀଠ ଦିଗାଲ, ଯୁଥ୍ ଆଇକନ୍ ପ୍ରତ୍ୟୁଷ ଦାସ ମଂଚାସୀନ ରହି ଯୁବତ୍ୱ ଗଣତନ୍ତ୍ର ରାଷ୍ଟ୍ର ଗଠନ ଏବଂ ଯୁବ ସମାଜ ନିର୍ଶାମୁକ୍ତ ନ ହୋଇ ନିଜ ନିଜର ବିକଶିତ ଭାରତ ଗଠନରେ ନିଜର ଦାୟିତ୍ୱ ବୁଝାଇବା ସହ ଗଣତନ୍ତ୍ର ରାଷ୍ଟ୍ରରେ ନିଜର ମତଦାନ କିପରି କରିବେ ପରାମର୍ଶ ଦେଇଥିଲେ । ମାନ୍ତ୍ରି ଭାରତ ଲକ୍ଷ୍ମାଜର ଉଦ୍ଦପତ୍ତୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ସହକର୍ମୀ ସତ୍ୟବାନ ବଡଦେହେରା ମଂଚାସୀନ ରହି କାର୍ଯ୍ୟକ୍ରମର ଆରମ୍ଭିମୁଖ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ୧୫ ଜଣ ଛାତ୍ରଛାତ୍ରୀ ନିର୍ଶାମୁକ୍ତ ଉପରେ ପ୍ରେଖାମାନ ଲେଖି ଅତିଥିଙ୍କ ଠାରୁ ମାନପତ୍ର ପାଇଥିଲେ । ଯୁବ ଆଇକନ୍ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ସେ ଆଜିର ଏସମାଜରେ ଯୁବତ୍ୱର ଭୂମିକା ଉପରେ ସୁନ୍ଦର ଉପସ୍ଥାପନ କରିଥିଲେ । କଲେଜ ପ୍ରତିଷ୍ଠାତା ଡ. ସନ୍ତୋଷ । କୁମାର ନାୟକ ଏବଂ କଲେଜର ସମସ୍ତ ଷ୍ଟାଫଙ୍କ ସହଯୋଗରେ କାର୍ଯ୍ୟ କ୍ରମଟି ସଫଳ ହୋଇ ଥିଲା ।

ରାୟଗଡ଼ ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ–୨୦୨୬ ପାଳିତ

ରାୟଗଡ଼, ୩୧/୧୦ (ଆ.ପ୍ର) : ଦୁର୍ନୀତିମୁକ୍ତ ସମାଜ ଗଠନ, ସ୍ୱଚ୍ଛତା, ସଚ୍ଚୋଟତା ଓ ପ୍ରଶାସନିକ କାର୍ଯ୍ୟରେ ନୈତିକତାର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାୟଗଡ଼ ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ–୨୦୨୬ ପାଳନ ଅବସରରେ ଆଜି ଜିଲ୍ଲାସ୍ତରୀୟ ସଚେତନତା ରାଲି ଓ ସଭା ଆୟୋଜିତ ହୋଇଥିଲା । ଏହି ଅବସରରେ ସକାଳ ୮ଟାରେ ଗଜପତି ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା । ପରେ ନୂତନ ସଙ୍କିନୀନୀ କକ୍ଷ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ ଠାରେ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଏହି ସଭାରେ ଅଧକ୍ଷତା କରିଥିଲେ ଏବଂ ନିଜ ବକ୍ତବ୍ୟରେ ସେ କହିଥିଲେ ଦୁର୍ନୀତି ନିବାରଣ ସଚେତନତା ରାଲି ଆୟୋଜନ କରାଯାଇଥିଲା । ପରେ ନୂତନ ସଙ୍କିନୀନୀ କକ୍ଷ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ ଠାରେ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଏହି ସଭାରେ ଅଧକ୍ଷତା କରିଥିଲେ ଏବଂ ନିଜ ବକ୍ତବ୍ୟରେ ସେ କହିଥିଲେ ଦୁର୍ନୀତି ନିବାରଣ ସଚେତନତା ରାଲି ଓ ସଭା ଆୟୋଜନ କରାଯିବାର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବା । ଏହି ସଭାରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଏହି ସଭାରେ ଅଧକ୍ଷତା କରିଥିଲେ ଏବଂ ନିଜ ବକ୍ତବ୍ୟରେ ସେ କହିଥିଲେ ଦୁର୍ନୀତି ନିବାରଣ ସଚେତନତା ରାଲି ଓ ସଭା ଆୟୋଜନ କରାଯିବାର ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବା । ସଭାରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ଦୁର୍ନୀତି ନିବାରଣ, ସାଧାରଣ ଜୀବନରେ ସଚ୍ଚୋଟତା, ନୈତିକ ମୂଲ୍ୟବୋଧ ଓ ଦାୟିତ୍ୱବୋଧ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ । ଅନ୍ୟମାନ ସମ୍ମାନିତ ବକ୍ତା ସଭାପତି ଓଜିଲ ସଂଗ୍ର ଶ୍ରୀ ଭୁଜସୁନ୍ଦର ନାୟକ ଓ ସଚକାଡା ଓଜିଲ ପଦ୍ମନାଭ ଦାସ ମଧ୍ୟ ଦୁର୍ନୀତିର କୁପରିଣାମ ଏବଂ ଏହାର ନିରାକରଣରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଉଶୀ ଅଧ୍ୟକ୍ଷ ରାଜ ପ୍ରସାଦ, ସ୍ୱତନ୍ତ୍ର ଉର୍ଦ୍ଧ୍ୟତନ ପଦାଧିକାରୀ ମଙ୍କୁଲା ମିଶିଆକା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବୀନ୍ଦ୍ରନାଥ ଜଚ୍ଚିନ, ମୁଖ୍ୟ ଜନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ରାୟଗଡ଼ ଚିଡିଓ ସୁଚିତ କୁମାର ମିଶ୍ର, ଜିଲ୍ଲାସ୍ତ ଡିଏସପି ସୂର୍ଯ୍ୟକାନ୍ତି ଟାକ୍ରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ବୃନ୍ଦ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଅତିଥିବୃନ୍ଦ ଉପସ୍ଥିତ ଥିଲେ । ସଭାରେ ବକ୍ତାମାନେ ଦୁର୍ନୀତି ବିରୋଧରେ ସାମୂହିକ ସଂକଳ୍ପ ନେବା ସହିତ ସମାଜର ପ୍ରତ୍ୟେକ ସ୍ତରରେ ସ୍ୱଚ୍ଛତା ଓ ସଚ୍ଚୋଟତାର ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ରାଷ୍ଟ୍ରୀୟ ଏକତା ଦିବସ ପାଳିତ: ଏକତା ମାରାଥନ୍, ଶପଥ ପାଠ ଏବଂ ପୋଲିସ୍ ପ୍ୟାରେଡ ଅନୁଷ୍ଠିତ

ଖୋରଧା, ୩୧/୧୦ (ଆ.ପ୍ର) : ରାଷ୍ଟ୍ରର ଅଦ୍ୱିତୀୟ ନେତା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୩ ତମ ଜନ୍ମ ଜୟନ୍ତୀ ରାଷ୍ଟ୍ରୀୟ ଏକତା ଦିବସରେ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସର୍ଦ୍ଦାର ପଟେଲଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସକାଳ ୭ ଘଟିକା ସମୟରେ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏକ ବିଶାଳ ମାରାଥନ୍ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖରେ ଥିବା ଏକତା ପ୍ରତିମା ପାଖରେ ଶେଷ ହୋଇଥିଲା । ଏହି ମାରାଥନ୍‌ରେ ଜିଲ୍ଲାପାଳ, ସାଧାରଣ ପ୍ରଶାସନ ପକ୍ଷରୁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା । ଜିଲ୍ଲର୍ଡ ଇନ୍‌ଫେକ୍ଟର ଅଫ ପୋଲିସ ବିଜୟ କୁମାର ସାହୁଙ୍କ ଦ୍ୱାରା ପ୍ୟାରେଡ ପରିଚାଳନାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାଲ ବୈଦ୍ୟ ପାରୋଷୋତମ୍ ଦାସ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଆକାଶ ଏ ଭଟ୍ଟାଚାରୀ ଯୋଗ ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡମ୍ବୁରୁ କୁମାର ଦରଖିଲ, ଏବଂ ମୁଖ୍ୟବକ୍ତା ରୂପେ ଡ. ଉମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡମ୍ବୁରୁ କୁମାର ଦରଖିଲ, ଏବଂ ମୁଖ୍ୟବକ୍ତା ରୂପେ ଡ. ଉମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ ।ପରେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହା



ସମ୍ବାଦପତ୍ର
ଆରମ୍ଭ
SEITHO ARAMBHA

ରବିବାର, ୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩



ବାଲିଆପାଳ ବ୍ଲକ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀଙ୍କ ବଦଳି ବାତିଲ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲିଆପାଳ, ୩୧/୧୦ (ଆ.ପ୍ର) : ବାଲିଆପାଳ ବ୍ଲକରେ କାର୍ଯ୍ୟରତ ସାମାଜିକ ସୁରକ୍ଷା ଅଧିକାରୀ ଓ ପ୍ରୋଗ୍ରାମ ସହାୟକ ଉଭୟଙ୍କ ବଦଳିକୁ ବିରୋଧ କରିଛି ବାଲିଆପାଳ ସୂଚନା ଅଧିକାର ସଂଘ । ବଦଳି ବାତିଲ କରିବାପାଇଁ ଶୁକ୍ରବାର ସୂଚନା ଅଧିକାର ସଂଘ ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାଶଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ବିଗତ କିଛି ମାସ ପୂର୍ବରୁ ବାଲିଆପକ ବ୍ଲକରେ କାର୍ଯ୍ୟରତ ଯୋଗ ଦେଇଥିବା ଗ୍ରାମ୍ୟ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ର କାନ୍ତ ଗରୋଇଙ୍କ ସହିତ ବର୍ତ୍ତମାନର କାର୍ଯ୍ୟରତ ପ୍ରୋଗ୍ରାମ ସହାୟକଙ୍କୁ ଏକତ୍ର ଜଳେଶ୍ୱର ବ୍ଲକକୁ ବଦଳି କରାଯିବା ଏବଂ ବାଲିଆପାଳ ବ୍ଲକରେ ତାଙ୍କ ବର୍ତ୍ତମାନ ଚାକିରୀ ସମୟ ଦୀର୍ଘ ୨ବର୍ଷ ଧରି କାର୍ଯ୍ୟ କରିଥିବା ତଥା ପ୍ରାୟତଃ ୩ମାସ ପୂର୍ବରୁ ଜଳେଶ୍ୱର ବ୍ଲକକୁ ବଦଳି ହୋଇ ଯାଇଥିବା ପାର୍ଥ ସାରଥି ସାହୁଙ୍କୁ ପୁଣିଥରେ ବାଲିଆପାଳ ବ୍ଲକକୁ ବଦଳି କରାଯାଇଛି । ଏଠାରେ ସୂଚନା ଥାଉକି ଶ୍ରୀ ସାହୁଙ୍କ ଘର ଏହି ବ୍ଲକ ଅନ୍ତର୍ଗତ ବାଲିଆପାଳ ପଂଚାୟତରେ ଅବସ୍ଥିତ । ସେ ବାଲିଆପାଳରେ କାର୍ଯ୍ୟ କରୁଥିବା ବେଳେ ସୂଚନା ଅଧିକାର ସଂଘ ତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲା । ପରେ ତାଙ୍କର ବଦଳି ଜଳେଶ୍ୱର ବ୍ଲକକୁ ହୋଇଥିଲା । ତେବେ ତିନି ମାସ ନ ପୁରୁଣୁ ପୁଣିରେ ଶ୍ରୀ ସାହୁଙ୍କୁ ବାଲିଆପାଳ ବ୍ଲକକୁ ବଦଳି କରାଯାଇଛି । ଯାହାକୁ ନେଇ ସୂଚନା ଅଧିକାର ସଂଘ ଅସନ୍ତୋଷ ପ୍ରକାଶ କରିବା ସହିତ ବଦଳି ବାତିଲ କରିବା ପାଇଁ ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି । ତେବେ ବାଲିଆପାଳ ବ୍ଲକରେ ବିଭିନ୍ନ ପଦବୀରେ ୫୬ ଜଣ କର୍ମଚାରୀ ନଥିବା କଥାପ୍ରକାଶିତ । ଶ୍ରୀ ଲଲୋକ ବାଲିଆପାଳ ବ୍ଲକରେ ସ୍ଥାୟୀ ସାମାଜିକ ସୁରକ୍ଷା ଅଧିକାରୀ ଭାବରେ ଯୋଗଦେଇଥିବା ବେଳେ ତାଙ୍କ ସ୍ଥାନରେ ଶ୍ରୀ ସାହୁ ଯିଏକି ଅସ୍ଥାୟୀ ଭାବରେ ସାମାଜିକ ସୁରକ୍ଷା ବିଭାଗର ଦାୟିତ୍ୱ ନେବା ପାଇଁ ବାଲିଆପାଳ ବ୍ଲକକୁ ବଦଳି କରାଯାଇଛି । ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସୂଚନା ଅଧିକାର ସଂଘ କହିଛି । ଦାବିପତ୍ର ପ୍ରଦାନ ବେଳେ ସୂଚନା ଅଧିକାର ସଂଘର ବାଲିଆପାଳ ବ୍ଲକ ସଭାପତି ଅଜୁନ କୁମାର ମହାପାତ୍ର, କୁଶଧ୍ୱଜ ଜେନା, ଗୋପୀନାଥ ଗଙ୍ଗାଇ, ଆଶିଷ କୁମାର ଦୋଷ, ବିଜୟ ମାହାନା, ଶରତ କୁମାର ପାତ୍ର, ଅରୁଣ କୁମାର ମଣ୍ଡଳ, ଝରେ କୃଷ୍ଣ ଦାସ, ଦେବେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଲୋଗରାଇ, ୩୧/୧୦ (ଆ.ପ୍ର) : ଲୋଗରାଇ ବ୍ଲକ ଜଳେଶ୍ୱରପୁର ସ୍ଥିତ କଂଗ୍ରେସ ଭବନଠାରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ପ୍ରାପ୍ତ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୪୨ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଦେଶ କଂଗ୍ରେସ କମିଟିର ଅନୁସୂଚିତ ସେବଲର ସାଧାରଣ ସମ୍ପାଦକ ସୁଦର୍ଶନ ଜେନା, ଜୋନ ସଭାପତି ରାଧାବିନୋଦ ଦାସ, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ



ସଭାପତି ଦୀପକ ଜେନା, ଶିଶିର ମହାପାତ୍ର, ଜିଲା କଂଗ୍ରେସ ସମ୍ପାଦକ ମମତା ସାହୁ, ଜଗାରାଣୀ ଦାଶ, ସୁମିତ୍ରା ପଣ୍ଡା, ସମିତି ସଭ୍ୟ ମଧୁସୂଦନ ଜେନା, ସୁଧୀର ମହାନ୍ତି, ଜଳେଶ୍ୱର ପୁର ଗ୍ରା. ପ. ସଭାପତି ପ୍ରଶାନ୍ତ କୁମାର ଜେନା, ବେହୁର୍ଦ୍ଦା ଗ୍ରା. ପ. ଯୁବ କଂଗ୍ରେସ ସଭାପତି କପିଳ ନାଥ, ସୁଲତାନପୁର ଗ୍ରା. ପ. ସଭାପତି ସୁନୀଲ ମହାନ୍ତି, ହୁଳୁଳି ଗ୍ରା. ପ. ସଭାପତି ସରୋଜ ପଣ୍ଡା, ଯୁବନେତା ବଳିହର ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ ।

ସିଟୁ ତରଫରୁ ରାଜ୍ୟସ୍ତରୀୟ ଟ୍ରେଡ ୟୁନିଅନ ଶିକ୍ଷା ଶିବିର

ନୀଳଗିରି, ୩୧/୧୦ (ଆ.ପ୍ର) : ସିଟୁ ରାଜ୍ୟ କମିଟି ତରଫରୁ ତିନି ଦିବସିୟ ଶିକ୍ଷା ଶିବିର ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେଉଛି । ବର୍ତ୍ତମାନ ପରିସ୍ଥିତିରେ ଶ୍ରମିକ ମାନଙ୍କ



ସୁରକ୍ଷା ପାଇଁ ନେତୃତ୍ୱ ମାନଙ୍କର ଭୂମିକା କଣ ହେବ ତା' ଉପରେ ଆଲୋଚନା କରା ଯାଇଛି । ଉକ୍ତ ଶିବିରରେ ସିଟୁର ରାଜ୍ୟ ସଭାପତି ଜଗାର୍ଦନ ପତି, ରାଜ୍ୟ ସାଧାରଣ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ଉପସଭାପତି ଦୁଖୁଷ୍ଟ ଦାସ ପ୍ରମୁଖ ସମ୍ପର୍ଯ୍ୟା ଓ ପ୍ରତିବାଦ ଉପରେ ଆଲୋଚନା କରୁଛନ୍ତି । ଉକ୍ତ ଶିକ୍ଷା ଶିବିରକୁ ସିଟୁ ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସଭାପତି ରାଜକିଶୋର ଲେଙ୍କା, ପାଟିକା ରାଜ୍ୟ ସାଧାରଣ ସମ୍ପାଦକ ଲଖାନ୍ଦୀ ଷଡଙ୍ଗୀ ଓ ଚାରମିନାର ଆଳବେଷ୍ଟସ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ଜେନା ପ୍ରମୁଖ ଯୋଗ ଦେଇ ଥିବା ଜଣା ଯାଇଛି । ଅନ୍ୟ ପକ୍ଷରେ, ଆଗାମୀ ଦିନରେ ଯଦି ଆନ୍ଦୋଳନ ଦୁର୍ବାର ନ ହେବ ଶ୍ରମିକ ଶ୍ରେଣୀ ତାର ହକ୍ ଆଦାୟ କରିପାରିବ ନାହିଁ । ତାଇରେ ଶ୍ରମ କୋଡ୍‌କୁ ପ୍ରତ୍ୟାହାର କରିବା ସହିତ ଅନ୍ୟ ଦାବୀ ସହିତ ଆସନ୍ତା ଡିସେମ୍ବର ଏକ, ଦୁଇ ଓ ତିନି ତାରିଖ ଦିନୁଆ ଆନ୍ଦୋଳନକୁ ସଫଳ ପାଇଁ ସିଟୁ ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ବାଲେଶ୍ୱର ର ସିଟୁ ଅନୁବନ୍ଧିତ ୟୁନିଅନ ଓ ଶ୍ରମିକ ମାନଙ୍କୁ ନିବେଦନ କରିଛନ୍ତି ।

ଏଫଏମ କଲେଜର ବିକାଶ ନେଇ ଛାତ୍ର ବିଜେଡିର ଦାବିପତ୍ର ନଅ ଦଫା ଦାବିରେ ଅଧ୍ୟକ୍ଷଙ୍କୁ ଭେଟିଲେ କର୍ମକର୍ତା



ବାଲେଶ୍ୱର, ୩୧/୧୦ (ଆ.ପ୍ର) : ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିକାଶ ନେଇ ଅଂଟା ଛିଡ଼ିଛି ଛାତ୍ର ବିଜେଡି । ନଅ ଦଫା ଦାବି ପୂରଣ ନେଇ କଲେଜର ବିଜିବେଡି କର୍ମକର୍ତ୍ତାମାନେ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ରାଉତ୍‌ଙ୍କୁ ଭେଟିଛନ୍ତି । ବିଶେଷ କରି କଲେଜର ଗିରିଭୂମି ବିକାଶ ଓ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ନିମନ୍ତେ ଅନୁରୋଧ କରିଛନ୍ତି । ଛାତ୍ର ବିଜେଡି ପକ୍ଷରୁ ନବ ନିର୍ମିତ ବିଜ୍ଞାନ ଭବନକୁ ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରାଯାଇଛି । ବର୍ତ୍ତମାନର ବିଜେପି ସରକାର ଆସିବା ପରେ ଅର୍ଥିକ ଅନୁଦାନ ଅଟକାବସୁ ଏହାର ଜାମ ଶେଷ ହୋଇପାରୁନି, ଫଳରେ ବିଦ୍ୟାର୍ଥୀଙ୍କୁ ଶ୍ରେଣୀ ଗୃହର ସମସ୍ୟା ସହ ନାହିଁ ନଥିବା ସମୁଦ୍ଧାନ ହେବାକୁ ପଡୁଛି । ବେହେରିପରି ଉଣ ଭୂତାଗେ ପୂର୍ବ ହୋଇଥିବା କଲେଜର ମିନି ଷ୍ଟାଡିୟମର ସମେତ ସହ ଏହାକୁ ଖେଳ ଉପଯୋଗୀ କରିବା, ବିଜିନ୍ନ ଛତ୍ରକରେ ରହିଥିବା ପାନୀୟ ଜଳ ଓ ଶୌଚାଳୟ ସମସ୍ୟାର ସମାଧାନ, କଲେଜର ୩ ଗୋଟି ବ୍ଲକରେ ପାନୀୟ ଜଳର ସୁବନ୍ଦୋବସ୍ତ, ଗାର୍ଲସ କମନ ରୁମରେ ସମସ୍ତ ସୁବ୍ୟବସ୍ଥା, ରହ ପଢ଼ିଥିବା ଜଲେଜ ମଣ୍ଡି ଜିମର ପୁନଃପରିବାଳନା, ରହ ରହୁଥିବା ବଏଜ କମନ ରୁମକୁ ଖୋଲିବା ତଥା ଲଣ୍ଡ୍ରୋର କ୍ୟାଣ୍ଟାର ଆରମ୍ଭ ନେଇ ଦାବି କରିଛନ୍ତି । ଅନୁରୂପ ବର୍ଷା ହେଲେ ପାଣି ଗଲୁଥିବା ଉର୍ଦ୍ଦୁ, ସାନ୍ତାଳୀ ଏବଂ ଅଧ୍ୟ ବ୍ଲକର ମରାମତି ଏବଂ ଶିକ୍ଷକ ଓ ଅଶିକ୍ଷକ କର୍ମଚାରୀ ପଦ ପୂରଣ ସହ ଜଳେଜରେ ଏକ ସ୍ୱତଂ ସମ୍ପୂର୍ଣ୍ଣ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ଛାତ୍ର ବିଜେଡି ଦାବି କରିଛି । ଜିଲ୍ଲା ଛାତ୍ର ସଭାପତି ଜଗେନ୍ଦ୍ର ପ୍ରଧାନଙ୍କ ପରାମର୍ଶ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଜଲେଜର ଛାତ୍ର ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ଶୁଭମ୍ ଦାସ, ଆୟୁଷ ପ୍ରଧାନ, ସେକ ଅଲ୍ଲୁ, ଜଳିଶ କୁମାର ପ୍ରଧାନ, ହିମାଂଶୁ ଜେନା, ରଶ୍ମିତା ଦାସ, ସୃତିପ୍ରିୟା ପଣ୍ଡା, ରବିକାନ୍ତ ନାୟକ, ଗଗନ ସ୍ୱାଇଁ, ଆର୍ଯ୍ୟାଗୁପ୍ତା ମଣ୍ଡଳ, ପ୍ରିୟଙ୍କା ଘଡ଼େଇ, ଗୋପାଳ ନାୟକ, ଭବାନୀ ଶଙ୍କର ମଣ୍ଡଳ, ଶିବଶଙ୍କର ଢେଢେରା, ଦିପୁନ ଇଟୁଆ, ବାସୁଆ ତ୍ରିପାଠୀ ଏବଂ ଛାତ୍ରନେତା ରାକେଶ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଅଧ୍ୟକ୍ଷଙ୍କୁ ଦାବି ଜଣାଇବା ସହ ଆଶୁ ସମାଧାନ ନେଇ ଅନୁରୋଧ କରିଛନ୍ତି ।

ନିଯୁକ୍ତିର ଚଂଚକତା ଅଭିଯୋଗରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜନଶୁଣାଣୀ

ବାଲିଆପାଳ, ୩୧/୧୦ (ଆ.ପ୍ର) : ବାଲିଆପାଳ ବ୍ଲକ ଡଗରା ବେଳାଭୂମିର ଠିକାଦାର ସଂସ୍ଥା ଦ୍ୱାରା ଅଞ୍ଚଳବାସୀଙ୍କ ବିଭିନ୍ନ ପଦବୀରେ ନିଯୁକ୍ତି ଏବଂ ନିଯୁକ୍ତିରେ ଚଂଚକତା ଏବଂ ବ୍ୟାପକ ଅର୍ଥ କାରବାର ହୋଇଥିବା ନେଇ ଡଗରା ବେଳାଭୂମି ଉନ୍ନୟନ କମିଟି ପକ୍ଷରୁ ସାମାଦିକ ସମ୍ମିଳନୀରେ ଅସୋନ୍ତଷ ବ୍ୟକ୍ତ କରିବା ସହିତ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରି ଜିଲ୍ଲାପାଳ ଏବଂ ବାଲିଆପାଳ ବିଡିଓଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପର୍ଯ୍ୟଟନ ବିଭାଗ ଅଧିକାରୀ ବିଶ୍ୱଜିତ ବେହେରା, ଜିଲ୍ଲା ପଂଚାୟତରାଜ ଅଧିକାରୀ ଦେବାନନ୍ଦ ବେହେରା ପ୍ରମୁଖ ତଦନ୍ତକାରୀ ବେହେରାଭୂମିରେ ପହଂଚି ଅଭିଯୋଗକାରୀଙ୍କ ଠାରୁ ଅଭିଯୋଗ ଶୁଣିଥିଲେ । ମୁଖ୍ୟ ପ୍ରସଙ୍ଗ ଠିକା ସଂସ୍ଥା ଓ ସ୍ଥାନୀୟ ସରପଂଚଙ୍କ ମଧ୍ୟ ବନ୍ଦିକାରେ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ବିନା ପ୍ରଶିକ୍ଷଣରେ ନିଯୁକ୍ତି, ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର, ସ୍ଥାନୀୟ ଯୁବକ ଯୁବତୀଙ୍କୁ ଉପେକ୍ଷିତ ନେଇ ଆଲୋଚନା ହୋଇଥିଲା । ନିଯୁକ୍ତି ପାଇଁ ଥିବା କର୍ମଚାରୀଙ୍କ ଠାରୁ ବେୟାଇନ ଭାବେ ଆଦାୟ ହୋଇଥିବା ଅର୍ଥ ଫେରସ୍ତ କରି ସୋମାନଙ୍କୁ ବହିଷ୍କାର କରିବା ଏବଂ ସ୍ଥାନୀୟ ଯଂତଡଗ ଡଗରା, ବେତଡଙ୍ଗିଆ, ଆଁଳତିଆ, ଚଉମୁଖ ପଂଚାୟତର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଦାବି ଉପସ୍ଥାପନ କରାଯାଇଥିଲା । ତଦନ୍ତ ଜାରୀ ଅଧିକାରିଙ୍କୁ ଉନ୍ନୟନ କମିଟି ପକ୍ଷରୁ ଚଂଚକତା ଏବଂ ଅର୍ଥ ଛତପେଡର ପ୍ରମାଣ ଦିଆଯାଇଛି । ଏହି ତଦନ୍ତ ସମୟରେ ବାଲିଆପାଳ ବିଡିଓ ରାଧାରାଞ୍ଜନ ଦାଶ,ଜିପିଡିଓ ପ୍ରାୟତୁତ ଗିରି, ତଦନ୍ତା ପିଇଓ ମାଗାବେଜେନା ମାଲାଣ୍ଡି ଡଗରା ବେଳାଭୂମି ଉନ୍ନୟନ କମିଟିର ଉପସଭାପତି ମନୋଜ କୁମାର ଦାସ, ସଦସ୍ୟ ତାର୍ଥି କୁମାର ନାଗ, ଦେବେନ୍ଦ୍ର ପିଜା, ପ୍ରମୋଦ ପାତ୍ର, ସୁଦାମ ଡଗରା, ରବିନ୍ଦ୍ର ଜେନା, ନିତ୍ୟାନନ୍ଦ ଜେନା, ଶ୍ରୀପତି ଜେନା, ସରପଂଚ ପ୍ରତିନିଧି ସନ୍ତୋଷ ଗିରି ହରିହର ଜେନା, ପ୍ରଫୁଲ୍ଲ ସାହୁ, ଗଣପତି ଜେନା,ସୁଧାଶୁ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

'ସୁନ୍ଦର ସକାଳ '୍ଓ 'ସ୍ନେହ ପରିଧି'ର ପାଠକାର୍ପଣ ଉତ୍ସବ



ନୀଳଗିରି, ୩୧/୧୦ (ଆ.ପ୍ର) : ଜଡିତାର୍ଥ ଶାବ୍ଦିକାନନ୍ଦରେ ଡ. ମନୋରଞ୍ଜନ ନାୟକଙ୍କ ଦୁଇଖଣ୍ଡ ଜଡିତା ଗ୍ରନ୍ଥ 'ସୁନ୍ଦର ସକାଳ'ଓ 'ସ୍ନେହ ପରିଧି' ମୁଖ୍ୟାତିଥି ତଥା ପୁସ୍ତକ ଦ୍ୱୟର ଉନ୍ମୋଚକ ଉତର ଓଡ଼ିଶା ସମ୍ବାଦର ମୁଖ୍ୟ ବିତରଞ୍ଜନ ବିରାଜିତଙ୍କ କରକମଳରେ ପାଠକାର୍ପଣ ହୋଯାଇଛି । ଉକ୍ତ ଉଁଦେଇରେ ସଭାପତିତ୍ୱ କରିଥିବେ ପରିଷଦର ସଭାପତି ଡ. ସୁଦାମ ଚନ୍ଦ୍ର ପାତ୍ର । ଓଡ଼ିଶାର ସ୍ୱଳାମଧନ୍ୟ ସାହିତ୍ୟିକ ରାଷ୍ଟ୍ରବିକାଶ ଆୟୋଜନର ସମ୍ପାଦକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ସମ୍ମାନିତ ରୂପେ ଯୋଗଦେଇ ପୁସ୍ତକ ଦୁଇଟିର ଲାଡଗତ ଓ ସାରସ୍ୱତ ଦିଗଉପରେ ମତରଖିଥିଲେ । ସାରସ୍ୱତ ଜୀବନରେ ପ୍ରାପ୍ତିର ଆଶା ନଥାଏ । ଏହା ଏକ ପ୍ରକ୍ରିୟାବୋଲି ବିତରଞ୍ଜନ ବିରାଜିତ ମତ ଦେଇଥିଲେ । ନୂତନ ଜୀବନ, ନୂତନ ସକାଳ, ନୂଆ ଆରମ୍ଭ, ନବ ଚେତନା, ପୂର୍ଣ୍ଣ ବିଶ୍ୱାସ, ନୂତନ ଆଶା, ଓ ନବ ସମ୍ଭାବନା ଡ. ନାୟକଙ୍କ ପୁସ୍ତକର ସାରମର୍ମ ବୋଲି ଡ. ତ୍ରିପାଠୀ ମତ ଦେଇଥିଲେ । ଜଡି ପ୍ରଶାନ୍ତ ଦାସ ଡ. ନାୟକଙ୍କ ପୁସ୍ତକ ଉପରେ ମତରଖି କହିଲେ ଯେ ତାଙ୍କର ଉଚ୍ଚାରଣରେ ସ୍ନେହର ପରିଧି ଜମାଟ ବାନ୍ଧି ରହିଛି ଏବଂ ସେହିଠାରୁ ଯେପରି ନୂଆ ସକାଳ ଉଦିତ ହେଉଛି ସେଇ ସମ୍ଭାବନା ସେ ଦେଖୁଛନ୍ତି । ଡ. ରଜାକର ସିଂହ ପ୍ରାଜ୍ଞଭାଷ ଉପସ୍ଥାପନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ଅତିଥି ମାନଙ୍କୁ ମାଂଡଆହ୍ୱାନ କରିଥିଲେ । ଏବଂ କଲ୍ୟାଣୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଡ. ଲାଡବନ୍ଦ ପ୍ରସାଦ ଦାସ, ଦୀନବନ୍ଧୁ ଲେଙ୍କା, ସାଙ୍ଗଗାୟକ ତ୍ରିପାଠୀ, ବିଜୟ ଦେ, ଅରୁଣା ରାୟ ଜ୍ୟୋତ୍ସା ରାୟ, ସୁତ୍ରତା ମହାନ୍ତି, ଦୃପ୍ତିରତା ଦାସ, ଶାନ୍ତି ଦିଶି, କୃଷ୍ଣା ପ୍ରଧାନ, କୁମାରନାଥ ପାତ୍ର, ପର୍ଶୁରାମ ପଣ୍ଡା ପ୍ରମୁଖ ସଭାରେ ଉପସ୍ଥିତ ରହିଥିଲେ ।

ମା' ଦୁର୍ଗା ଜନକଲ୍ୟାଣ ସମିତି ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ପାଳିତ



ରେମୁଣା, ୩୧/୧୦ (ଆ.ପ୍ର) : ମା' ଦୁର୍ଗା ଜନକଲ୍ୟାଣ ସମିତି ପକ୍ଷରୁ ଲୌହମାନବ ତଥା ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି । ରେମୁଣା ବ୍ଲକ ନୂଆଗାଁ ପଂଚାୟତ ଅନ୍ତର୍ଗତ ବାଳକ ଶ୍ରୀମନ୍ଦର ସମିତି ସଭ୍ୟ ଗଞ୍ଜିରା ଗରିକଙ୍କ ଗରତ୍ତବନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ସର୍ଦ୍ଦାର ପଟେଲଙ୍କ ଦେଶପ୍ରେମ, ତ୍ୟାଗ, ନେତୃତ୍ୱ ଓ ଅଖଣ୍ଡ ଭାରତ ଗଠନରେ ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା । ଦେଶର ଏକତା ଓ ଅଖଣ୍ଡତା ରକ୍ଷା କ୍ଷେତ୍ରରେ ତାଙ୍କର ଅତିସ୍ମରଣୀୟ ଭୂମିକା ସମ୍ପର୍କରେ ଉପସ୍ଥିତ ସଦସ୍ୟମାନେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମିତିର ଉପସଭାପତି ଜୀବନବାଳା ମଲ୍ଲିକଙ୍କ ସମେତ ସରସ୍ୱତୀ ଜେନା, ଅର୍ଚ୍ଚନା ମଲ୍ଲିକ, ଅନୁପୂର୍ଣ୍ଣା ମଲ୍ଲିକ, ବନିତା ମଲ୍ଲିକ ଓ ସୁଜାତା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଜୟନ୍ତୀ ପାଳନରେ ସାମିଲ ହୋଇଥିଲେ ।

ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ପାଚଳାଖେମୁଣ୍ଡି, ୩୧/୧୦ (ଆ.ପ୍ର) : ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦେଶର ଏକତା, ଅଖଣ୍ଡତା ଓ ଭାଇଚାରା ବଜାୟ ରଖିବା ପାଇଁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଜିଲ୍ଲାପାଳ କାତି, ଧର୍ମ ଓ ଭାଷା ଆଧାରରେ ଥିବା ଭେଦଭାବକୁ ଭୁଲି ସମସ୍ତେ ଏକାଠି ହୋଇ ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ । ଏଥିସହ ଭାଇଚାରା, ସହଯୋଗ ଓ ଏକତାର ଭାବନାକୁ ଆହୁରି ମଜବୁତ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ରାଷ୍ଟ୍ରୀୟ ଏକତା ଦିବସ ଆମକୁ ଦେଶର ଏକତା ଓ ଅଖଣ୍ଡତାର ମନ୍ତ୍ର ସ୍ମରଣ କରାଇବା ସହ ସମସ୍ତଙ୍କ ମଧ୍ୟରେ ଭାଇଚାରା ଓ ଏକତାର ଭାବନା ବଜାୟ ରଖିବାର ଗାଡ଼ାଁ ଦେଇଥାଏ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପାଇଲୁମ୍ପା ମାଝୀ ଓ ମୁନିହ୍ରା ଯୋନନାଗା, ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି ସୁଣ୍ଡା ଲାଡବତ ସମେତ କଲ୍ୟାଣଗାଡ଼, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମାନ ଲାଇକାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ନୀଳଗିରି କଂଗ୍ରେସ ଭବନରେ ଲୌହ ମାନବୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କର ବଳିଦାନ ଦିବସ ପାଳିତ



ନୀଳଗିରି, ୩୧/୧୦ (ଆ.ପ୍ର) : ନୀଳଗିରି କଂଗ୍ରେସ ଭବନ ପରିସରରେ ଲୌହ ମାନବୀ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କର ୪୩ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି । ଏଥି ନିମନ୍ତେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ କଂଗ୍ରେସ ନେତା ତଥା ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ ସଭାପତିତ୍ୱ କରିଥିଲେ ।ଅନ୍

ଶ୍ରୀମନ୍ଦିର
ଆରମ୍ଭ
SEITHO ARAMBHA
ରବିବାର, ୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...
ରାଷ୍ଟ୍ରୀୟ ସ୍ୱାର୍ଥ

ଭାରତର ଭୂମିକା କ'ଣ ହୋଇପାରେ ବର୍ତ୍ତମାନ ପରିସ୍ଥିତିରେ ? ଏପରି କହିଲେ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେବ। ଜେଉଁ କ୍ଷେତ୍ରରେ ଭାରତର ଭୂମିକା କ'ଣ ହୋଇପାରେ ଏବଂ କିପରି ହୋଇପାରେ, ଏହା ଏତେ ସାଧାରଣ ପ୍ରସଙ୍ଗ ନୁହେଁ: ଏ ଦିଗରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା-ପ୍ରତ୍ୟାଲୋଚନା ହୋଇପାରେ। ହୋଇପାରେ କେବଳ ଗୋଟିଏ ପ୍ରସଙ୍ଗ ନାହିଁ, ଅନେକ ପ୍ରସଙ୍ଗ ରହିଛି । ବହୁବିଧ ମୁଖ୍ୟ ପ୍ରସଙ୍ଗ ରହିଛି ଏବଂ ସବୁ ପ୍ରସଙ୍ଗର ପ୍ରାସଙ୍ଗିକତା ରହିଛି । ଜେଉଁଟା ଆଗେ ଏବଂ ଜେଉଁଟା ପଛେ, ତାହା ଭିନ୍ନ କଥା ହେଲେ ସବୁ ପ୍ରସଙ୍ଗ ଉପରେ ଆଲୋଚନା ପର୍ଯ୍ୟାଲୋଚନାର ଆବଶ୍ୟକତା ରହିଛି ଏବଂ ସେଥିନେଇ କିଛି ସଫଳ କାର୍ଯ୍ୟକ୍ରମର ବି ରହିଛି ଆବଶ୍ୟକତା ଯାହା ଭାରତ ସରକାର କରୁଛନ୍ତି । ଦେଶର ଉନ୍ନତି ନେଇ, ଦେଶର ପ୍ରଗତି ନେଇ ବହୁ ଆୟତ୍ତୁ ଦେଶରେ ଦୀର୍ଘବର୍ଷ ଧରି ଶାସନରତ ଥିବା କଂଗ୍ରେସ ସରକାର ବି ଅନେକ ଜନ୍ୟୁଖନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲା । କିଛିଟାରେ ସଫଳ ହୋଇଥିଲା ଏବଂ ଆଉ କିଛିରେ ବିଫଳ ହୋଇଥିଲା । ତେବେ ନେତୃତ୍ୱଜ୍ଞ ସମୟରେ କଂଗ୍ରେସ ସରକାର ଅନେକରେ ଦେଶରେ ବହୁବିଧ କ୍ଷେତ୍ରରେ ଜନ୍ମୁତି ପରିଲକ୍ଷିତ ହୋଇଥିଲା । ଏପରିକି ଦେଶରେ ପଂଚଶୀଳ ନୀତି ଆଧାରରେ ପଂଚବର୍ଷୀୟ କାର୍ଯ୍ୟକ୍ରମ ବି ହାତକୁ ନେଇଥିଲା କଂଗ୍ରେସ ସରକାର ସେହି ଲିଗିରେ ଏକାଧିକ ଜନ୍ୟୁଖନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲା । ହେଲେ ସେସବୁରେ ସଂସ୍କାରର ଅନେକ କମି ରହିଥିଲା ଯେଉଁଥିପାଇଁ ଦେଶରେ ପ୍ରକୃତ ପ୍ରଗତି ହୋଇପାରିନଥିଲା । ଦେଶରେ ମାଓବାଦ ହେଉ କିମ୍ବା ଦେଶର ସୀମାରେ ମୁସଲିମ୍ ସନ୍ତ୍ରାସବାଦ ହେଉ କିମ୍ବା ଆଜି କିଛି ସମସ୍ୟା କାରଣରୁ ବିଶ୍ୱରେ ସବୁଠାରେ ନିନ୍ଦିତ ହେଉଥିବା ଭାରତ ହେଉ ତା'ର ଧର୍ମ ନିରପେକ୍ଷତା ନୀତି କାରଣରୁ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ଯାହା ଏବେ ବି ବଜାୟ ରହିଛି । ସେହି ଭାରତ ଏବେ ସମସ୍ୟାସେରରେ ଛନ୍ଦି ହୋଇଯାଇଛି । ମାଓବାଦ, ସନ୍ତ୍ରାସବାଦ ଭଳି ଗମ୍ଭୀର ସମସ୍ୟା ସହ ଦେଶରେ ସମୟ ସମୟରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ଆନ୍ଦୋଳନ ଦେଶ ପାଇଁ ବହୁତ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ଯାହା ଦେଶର ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ସାଂପ୍ରତିକୀ ପରିସ୍ଥିତିରେ ଦେଶର ବିଭିନ୍ନ ସମସ୍ୟା ଏବେ ସରକାରଙ୍କ ପାଇଁ ବହୁତ ବଡ଼ ଚାଲେଞ୍ଜ ସୃଷ୍ଟି କରିଛି । ଏନ୍‌ଡିଏ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ଏବେ ଦେଶରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛି ଯାହା ମଧ୍ୟରେ ବିଭିନ୍ନ ରାଜ୍ୟରେ ଆଭ୍ୟନ୍ତରୀଣ ସମସ୍ୟା ରହିଛି ଏବଂ ଦେଶର ସୀମାରେ ରହିଛି ସନ୍ତ୍ରାସବାଦ ସମସ୍ୟା । ଏହା ଏବେ ଦେଶ ପାଇଁ ବହୁତ ବଡ ସମସ୍ୟା । ଏହା ବାହାରେ ବି ରହିଛି ଆହୁରି ଅନେକ ସମସ୍ୟା ଯାହା ମଧ୍ୟରେ ରହିଛି ଚାଇନାର ଚାଲାକି । ଏହା ବାଦ୍ ଦେଶରେ ଛୋଟବଡ଼ ବିଭିନ୍ନ ପ୍ରକାର ସମସ୍ୟା ରହିଛି ଯାହା ସହିତ ପ୍ରତି ମୁହୂର୍ତ୍ତରେ ଯୁଝୁଛନ୍ତି ସରକାର । ତେବେ ଏତେସବୁ ସମସ୍ୟା ସମାଧାନ ଦିଗରେ ଭାରତର କି ଭୂମିକା ରହିଛି, ସରକାରଙ୍କ କି ଭୂମିକା ରହିଛି, ତାକୁ ନେଇ କେବଳ ଚିନ୍ତା । ଏବେ ସରକାରଙ୍କ ଏପରି ଚିନ୍ତାକୁ ଆହୁରି ଦ୍ୱିଗୁଣିତ କରିଛି ଚାଷୀ ଆନ୍ଦୋଳନ । ଭାରତରେ କରୋନା ମହାମାରୀ ଦୀର୍ଘ ଦିନରୁ ତା'ର ଲାୟା ବିସ୍ତାର କରି ଦେଶର ଅର୍ଥବ୍ୟବସ୍ଥାକୁ ନିମ୍ନଗାମୀ କରିଦେଇଛି । ଗୋଟିଏ ପଟେ ଚାଇନା-ପାକିସ୍ତାନ ସମସ୍ୟା, ଗୋଟିଏ ପଟେ ମାଓବାଦ-ସନ୍ତ୍ରାସବାଦ ସମସ୍ୟା, ଗୋଟିଏ ପଟେ କରୋନା ସମସ୍ୟା ଏବଂ ଆଉ ଗୋଟିଏ ପଟେ ଦେଶର କେତେକ ଅନ୍ତର୍ନିହିତ ସମସ୍ୟା, ସରକାରଙ୍କ ବହୁ ପରିମାଣରେ ଚିନ୍ତିତ ହୋଇପଡ଼ିଛନ୍ତି । ଏକାଧିକ ସମସ୍ୟା ଏବେ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି । ଚାରିପଟୁ ସମସ୍ୟା, ଚାରି ଦିଗରୁ ସମସ୍ୟା ଏବେ ସରକାରଙ୍କ ପାଇଁ ପାଲଟିଯାଇଛି ଏକ ବହୁତ ବଡ଼ ଆହ୍ୱାନ ଯାହାର ସମ୍ମୁଖୀନ ହେବା ସରକାରଙ୍କ ପାଇଁ କୌଣସି ବଡ଼ ଚାଲେଞ୍ଜ ଠାରୁ କିଛି କମ୍ ନୁହେଁ ।

ଚିକିତ୍ସା ନୋବେଲ - ୨୦୨୬
ମସ୍ତିଷ୍କର ଅନ୍ଧାରରେ ଆଲୋକର ଶିଖା

॥ ଡା. ରାଜକିଶୋର ପଣ୍ଡା ॥

ବିଶିଷ୍ଟ ଆମେରିକୀୟ ପୁଲିସପତି ତଥା ମାଇକ୍ରୋସଫଟ୍‌ର ପ୍ରତିଷ୍ଠାତା ବିଲ ଗେଟ୍ସ୍ ମଣିଷର ଶରୀର ବିଷୟରେ କହିଥିଲେ, "The human body is the most complex system ever created. The more we learn about it, the more appreciation we have about what a rich system it is." ଏହାର ଅର୍ଥ ମଣିଷ ଶରୀର ପୃଥିବୀର ଜଟିଳତମ ବ୍ୟବସ୍ଥାମାନଙ୍କ ମଧ୍ୟରୁ ଅନ୍ୟତମ । ମଣିଷ ଦେହରେ ମନୁଷ୍ୟ ଶରୀରର ସବୁଠାରୁ ପ୍ରମୁଖ ଅଙ୍ଗ । ଏହାକୁ ଆମେ ପ୍ରତିଷ୍ଠାନ ବ୍ୟବହାର କରୁଛେ ଜାଣତ ବା ଅଜାଣତରେ । କିନ୍ତୁ ଆଜି ପର୍ଯ୍ୟନ୍ତ ଆମେ ଏହାକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିନେ । ବିତତ ଶହେ ବର୍ଷ ମଧ୍ୟରେ ଆମେ ଚନ୍ଦ୍ର ପୃଷ୍ଠରେ ପଦଂପ୍ରପାରିଛେ, ମଙ୍ଗଳର ମୃତିକା ଉପରେ ଗବେଷଣା କରୁଛେ, ସାଗରର ଅତଳ ଗର୍ଭର ଖୋଜ ଖବର ନେଉଛେ ଓ ଏପରି ଯନ୍ତ୍ରପାତି ବା ମେସିନ୍‌ର ନିର୍ମାଣ କରିଛେ, ଯିଏ କୋଟି କୋଟି ତଥ୍ୟକୁ ଆଖି ପିଛୁଳାକେ ସଂଚାଳନ କରିପାରୁଛି । ଏତେଗୁଡ଼ିଏ ଉପଲବ୍ଧି ସତ୍ତ୍ୱେ ଆଜି ମଧ୍ୟ ଗୋଟିଏ ସମସ୍ୟା ଆମ ସମ୍ମୁଖରେ ବିଦ୍ୟମାନ ରହିଛି ଜି ଯେଉଁ ମସ୍ତିଷ୍କ ବିଶ୍ୱର ଅନନ୍ତ ରହସ୍ୟକୁ ଆମ ପାଇଁ ଖୋଲିଛି, ତା' ନିଜର ରହସ୍ୟକୁ ଆଜି ପର୍ଯ୍ୟନ୍ତ ଜାଣିବା ଓ ଏହାକୁ ନିଜର ପରିବେଶରେ କୌଣସି ପରିବର୍ତ୍ତନ ପ୍ରକ୍ରିୟାକୁ ଚିହ୍ନଟ କରିବାରେ ପ୍ରୟୋଗ କରିବାର ନିକ ନିଜର କୌଶଳମାନ ରହିଛି । ଏପରିକି ଏକକୋଷୀୟ ଜୀବମାନଙ୍କଠାରେ ଗୋଟିଏ ବିଶିଷ୍ଟ ପ୍ରକାରର ପ୍ରୋଟିନ ଥାଏ ଆଲୋକକୁ ଅନୁଭବ କରିବା ପାଇଁ । ମେଗ୍‌ମ୍ୟାନ ଓ ନାଗେଲ ଆବିଷ୍କାର କଲେ ଯେ କ୍ୟୁମାଇଡୋମୋନାସ୍‌ଠାରେ ଗୋଟିଏ ଅତିକ୍ଷୁଦ୍ରର ଓ କାର୍ଯ୍ୟତଃ ବ୍ୟବସ୍ଥା ଅଛି ଆଲୋକକୁ ଗ୍ରହଣ କରିବା ପାଇଁ ଯାହାକି ଗୋଟିଏ ପ୍ରୋଟିନ୍ ଉପରେ ନିର୍ଭରଶୀଳ । ଏହି ପ୍ରୋଟିନର ନାମ ଦେଇଛି "ଚ୍ୟାନେଲ୍ ରୋଡୋପ୍‌ସିନ୍" । "ଚ୍ୟାନେଲ ରୋଡୋପ୍‌ସିନ" ଥାଏ କ୍ୟୁମାଇଡୋମୋନାସ୍‌ର ବାହ୍ୟ ଝିଲ୍ଲୀରେ । ଏହି ପ୍ରୋଟିନର ଅଧା ଅଂଶ ଶୈବାଳରିର କୋଷ ବାହାରେ ଥିବା ପାଣି ଆଡ଼କୁ ଥାଏ ଓ ବାକି ଅଧା ଭିତରକୁ ଥାଏ । ଏହି ପ୍ରୋଟିନରେ ଗୋଟିଏ କ୍ଷୁଦ୍ର ରସାୟନ ମଧ୍ୟ ଅଛି ଯାହାକୁ କୁହାଯାଏ "ରେଟିନାଲ ବିହାଇଡ୍" । ଏହି ରସାୟନଟି ହିଁ ଆଲୋକକୁ ଗ୍ରହଣ କରିଥାଏ । ଯେତେବେଳେ ଆଲୋକ ରେଟିନାଲ ବିହାଇଡକୁ ସ୍ପର୍ଶ କରେ ସେତେବେଳେ ଏହାର ଆକାର ପରିବର୍ତ୍ତନ ହୋଇଥାଏ, ଫଳରେ ଚ୍ୟାନେଲ ରୋଡୋପ୍‌ସିନ୍‌ର ଆକାର ମଧ୍ୟ ବଦଳିଯାଏ । ଏହି ପରିବର୍ତ୍ତନ ହେତୁ କୋଷୀୟ ଝିଲ୍ଲୀରେ ଗୋଟିଏ କ୍ଷୁଦ୍ର ଛିଦ୍ରର ସୃଷ୍ଟି ହୁଏ । ଏହି ଛିଦ୍ର ଯୋଗେଁ ଧନାତ୍ମକ ଚାର୍ଜଯୁକ୍ତ କଣିକା ଯେପରିକି ସୋଡିୟମ୍, ଶୈବାଳର ବାହାରେ ଥିବା ପାଣିରୁ ଏହାର କୋଷ ଭିତରକୁ ଯାଏ । ଏହି ପ୍ରକ୍ରିୟାଟି ହିଁ ଗୋଟିଏ ପ୍ରକାରର ସଙ୍କେତ ସୃଷ୍ଟି କରିଥାଏ ଯାହା ସହାୟତା କରେ ଶୈବାଳଟିକୁ ପହଁରିବା ପାଇଁ ।

ପ୍ରକୃତରେ ଶୈବାଳର ଏହି ରହସ୍ୟର ଉନ୍ମୋଚନ ଏକ ଉନ୍ମେଷନୀୟ ଆବାର୍ । କିନ୍ତୁ ଏହାକୁ କ'ଣ ପାଇଁ ନୋବେଲ ପୁରସ୍କାର ଦିଆଯିବ ? ଏହାର ଉତ୍ତର ନିହିତ ଅଛି ସ୍ନାୟୁକୋଷର କାର୍ଯ୍ୟ ଜରିବାର ପଦ୍ଧତିରେ । ସ୍ନାୟୁକୋଷର କାର୍ଯ୍ୟକଳାପ ମୁଖ୍ୟତଃ ନିୟନ୍ତ୍ରିତ ହୋଇଥାଏ, ସେମାନଙ୍କ ଝିଲ୍ଲୀରେ ଚାର୍ଜଯୁକ୍ତ କଣିକାର ଗତିଶୀଳତା ଦ୍ୱାରା । ଯେତେବେଳେ ଧନାତ୍ମକ ଚାର୍ଜଯୁକ୍ତ କଣିକା ସ୍ନାୟୁକୋଷ ମଧ୍ୟକୁ ପ୍ରବେଶ କରନ୍ତି, ସେତେବେଳେ ସ୍ନାୟୁକୋଷଗୁଡ଼ିକ ସକ୍ରିୟ ହୁଅନ୍ତି । ଗବେଷକମାନେ ଚିନ୍ତା କଲେ କି ଯଦି ଚ୍ୟାନେଲ ରୋଡୋପ୍‌ସିନ ପ୍ରୋଟିନକୁ ସ୍ନାୟୁ କୋଷମାନଙ୍କରେ ସ୍ଥାପନ କରାଯାଏ, ତେବେ ହୁଏତ ସେମାନେ ସମ୍ପୃକ୍ତ କୋଷଗୁଡ଼ିକୁ ସିଧା ଅନ୍ ବା ସକ୍ରିୟ କରିପାରିବେ ଆଲୋକର ପ୍ରୟୋଗ ଦ୍ୱାରା । ଏହାକୁ ହିଁ ପ୍ରକୃତ ପକ୍ଷରେ କରିଛନ୍ତି, "ହେଗ୍‌ମ୍ୟାନ୍", "ନାଗେଲ" ଓ "କାର୍ଲ ଡିସେରୋଥ୍" ।

ଡିସେରୋଥ୍ ଏକାଧାରରେ ଜଣେ ମାନସିକ ରୋଗ ବିଶେଷଜ୍ଞ ଓ ବାୟୋ ମେଡିକାଲ ଇଞ୍ଜିନିୟର । ତାଙ୍କୁ "ଅପ୍ଟୋଜେନେଟିକ୍ସ"ର ପିତା ବୋଲି ମଧ୍ୟ କୁହାଯାଏ । ସ୍ନାୟୁକୋଷକୁ ଆଲୋକ ପ୍ରୟୋଗ କରି ସିଧା ଅନ୍ ବା ସକ୍ରିୟ କରିବା:ସ୍ନାୟୁକୋଷକୁ ଆଲୋକଦ୍ୱାରା ନିୟନ୍ତ୍ରଣ କରିବାକୁ କୁହାଯାଏ 'ଅପ୍ଟୋଜେନେଟିକ୍ସ' । ଏହା ଗୋଟିଏ ଶକ୍ତିଶାଳୀ ମାଧ୍ୟମ ପାଲଟିଛି କାରଣ ଏହାକୁ ପ୍ରୟୋଗ କରି ବୈଜ୍ଞାନିକମାନେ ସେମାନଙ୍କର ଇଚ୍ଛାନୁସାରେ ନିର୍ଦ୍ଦିଷ୍ଟ ସ୍ନାୟୁ କୋଷକୁ ସକ୍ରିୟ ବା ନିଷ୍ପ୍ରିୟ କରିପାରିବେ ଏବଂ ଏହାର ଫଳାଫଳକୁ ପରୀକ୍ଷା କରିପାରିବେ । ମସ୍ତିଷ୍କର ଜଟିଳ ବ୍ୟବସ୍ତ୍ରା ମଧ୍ୟରେ କୌଣସି ଗୋଟିଏ ସ୍ନାୟୁକୋଷ ବା ସ୍ନାୟୁକୋଷ ଗୋଷ୍ଠୀର ପ୍ରକୃତ କାର୍ଯ୍ୟକୁ ଅନୁଶୀ କରି ବୁଝିବା ଆଜି ପର୍ଯ୍ୟନ୍ତ ଅତ୍ୟନ୍ତ କଠିନ ଥିଲା । ଏହି ପରିପ୍ରେକ୍ଷିରେ ହିଁ ନୋବେଲ ପୁରସ୍କାର ଜିତିଥିବା ତିନି ଗବେଷକଙ୍କର କାର୍ଯ୍ୟର ଉପଯୋଗିତା ଅନୁଭୂତ ହେଉଛି । ପୁଅମେ ବୈଜ୍ଞାନିକମାନଙ୍କୁ ସେମାନେ ଯେଉଁ ନିର୍ଦ୍ଦିଷ୍ଟ ସ୍ନାୟୁକୋଷକୁ ଅଧ୍ୟୟନ କରିବା ପାଇଁ ଚାହୁଁବ ସେହି କୋଷରେ ଚ୍ୟାନେଲ୍ ରୋଡୋପ୍‌ସିନ୍ ଜିନ ସ୍ଥାପନ କରିବା ପାଇଁ ପଡ଼ିବ ।

ଏହି ଜିନ୍‌କୁ ସମ୍ପୃକ୍ତ କୋଷମାନଙ୍କରେ ସ୍ଥାପନ କରିଥାଏ ଗୋଟିଏ ଭାଇରସ୍ । ଭାଇରସ୍‌ଗୁଡ଼ିକୁ ଏପରି ଭାବରେ ପରିବର୍ତ୍ତନ କରାଯାଇଥାଏ ଯେମିତି ସେ କୌଣସି ରୋଗ ସୃଷ୍ଟି କରିପାରିବ ନାହିଁ । ଏହାପରେ ସ୍ନାୟୁକୋଷଗୁଡ଼ିକ ଚ୍ୟାନେଲ ରୋଡୋପ୍‌ସିନ୍ ପ୍ରୋଟିନ୍‌ର ନିର୍ମାଣ କରିଥାନ୍ତି, ଯାହାକି ତାକୁ ଆଲୋକ ପ୍ରତି ସକ୍ରିୟତା ଦେଇଥାଏ । ମୁଖ୍ୟ ଭଳି ପ୍ରାଣୀମାନଙ୍କ କ୍ଷେତ୍ରରେ ବୈଜ୍ଞାନିକମାନେ ସ୍ନାୟୁକୋଷରେ ଆଲୋକ ପ୍ରୟୋଗ କରିବା ପାଇଁ ଫୁଲ୍ଲ ଅପଟିକାଲ ଫାଇବରର ପ୍ରୟୋଗ କରିଥାନ୍ତି । ସେତେବେଳେ ଆଲୋକ ସମ୍ପୃକ୍ତ କୋଷରେ ପହଂଚି ଚ୍ୟାନେଲ ରୋଡୋପ୍‌ସିନ୍ ସକ୍ରିୟ ହୁଏ । ଏହି ହେତୁ କୋଷ ମଧ୍ୟ ସକ୍ରିୟ ହୁଏ । ପାଖରେ ଥିବା ଅନ୍ୟ ସ୍ନାୟୁ କୋଷଗୁଡ଼ିକ ଯାହା ମଧ୍ୟରେ ଚ୍ୟାନେଲ୍ ରୋଡୋପ୍‌ସିନ ନଥାଏ ଆଲୋକ ଦ୍ୱାରା ସକ୍ରିୟ ହୁଅନ୍ତି ନାହିଁ । ଆଲୋକକୁ ମସ୍ତିଷ୍କର ଅତି କ୍ଷୁଦ୍ର ଅଂଶ ପ୍ରତି ଲକ୍ଷ୍ୟ କରି ପ୍ରୟୋଗ କରାଯାଇପାରିବ ଓ ବୁଜର ଏହି ପ୍ରୟୋଗକୁ ବହ ମଧ୍ୟ କରିବିଆଯାଇପାରିବ । ଏହା ହିଁ ଅପଟୋଜେନିଟିକ୍ସ୍‌ର ଏକ ପ୍ରଭାବଶାଳୀ ପଦ୍ଧତିରେ ପରିଣତ କରିଛି, ଅନୁସନ୍ଧାନ କରିବା ପାଇଁ ଯେ କିପରି ମସ୍ତିଷ୍କ କାମ କରୁଛି । ଉଦାହରଣ ସ୍ୱରୂପ ଯଦି ବୈଜ୍ଞାନିକମାନେ ଜାଣିବା ପାଇଁ ଚାହାନ୍ତି ଯେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ନାୟୁକୋଷ ସମୂହ ନିଦ୍ରା, ସ୍ମରଣ ଶକ୍ତି ବା ଗତିଶୀଳତା ସହିତ ସମ୍ପୃକ୍ତ ଅଛି କି ନାହିଁ ତେବେ ସେମାନେ ସେହି କୋଷକୁ ଆଲୋକ ପ୍ରୟୋଗ କରି ସକ୍ରିୟ କରିବା ସହିତ ନିରୀକ୍ଷଣ କରିପାରିବେ । ୨୦୧୨ ମସିହାରେ ମାଗାବୁଟେସ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜୀରେ ଗୋଟିଏ ଗବେଷକ ଦଳ ମୂଷାମାନଙ୍କ ଜଘରେ ଗୋଟିଏ ପରୀକ୍ଷା କରିଥିଲେ । ସେମାନେ ମୂଷାମାନଙ୍କୁ ମଧ୍ୟମ ଧରଣର ବିଦ୍ୟୁତ୍ ଆଘାତ ଦେଇଥିଲେ ଓ ଅପଟୋଜେନିଟିକ୍ସ୍ ଜରିଆରେ ମୂଷାମାନଙ୍କର ମସ୍ତିଷ୍କରେ ଥିବା ସେହି ସ୍ନାୟୁକୋଷଟିକୁ ଚିହ୍ନଟ କରିଥିଲେ, ଯାହା ପରୀକ୍ଷଣ ସମୟରେ ସକ୍ରିୟ ଥିବା । କିଛି ଦିନପରେ ଗବେଷକ ଦଳ ପୁନର୍ବାର ସେହି ମୂଷାମାନଙ୍କର ପୂର୍ବରୁ ଚିହ୍ନଟ ହୋଇଥିବା ସ୍ନାୟୁକୋଷକୁ ଆଲୋକଦ୍ୱାରା ସକ୍ରିୟ କଲେ । ଏଥିଦ୍ୱାରା ମୂଷାମାନେ ଏପରି ଭୟଭୀତ ହେଲେ ଯେପରି ସେମାନେ ବିଦ୍ୟୁତ୍ ଆଘାତରୁ ମନେ ରଖିଛନ୍ତି । ଅପ୍ଟୋଜେନିଟିକ୍ସ୍ ବର୍ତ୍ତମାନ ସମୟରେ ମସ୍ତିଷ୍କ ଓ ସ୍ନାୟୁତନ୍ତ୍ର ବିଷୟରେ ବୈଜ୍ଞାନିକମାନଙ୍କର ଗବେଷଣା କ୍ଷମତାକୁ ବହୁ ମାତ୍ରାରେ ପରିବର୍ତ୍ତିତ କରିପାରିଛି । ଏହାକୁ ଉତ୍ତିକ୍ଷତରେ ଏକ ଚିକିତ୍ସା ପ୍ରଣାଳୀ ଭାବରେ ମଧ୍ୟ ବ୍ୟବହାର କରାଯିବାର ସମ୍ଭାବନା ରହିଛି । ଏହାକୁ ବର୍ତ୍ତମାନ ପ୍ରାଥମିକ ସ୍ତରରେ କ୍ଲିନିକାଲ ଟ୍ରାଏଲ ପର୍ଯ୍ୟାୟରେ ରଖାଯାଇଛି ରେଟିନା ସମ୍ବନ୍ଧୀୟ ରୋଗର ଚିକିତ୍ସା ପଦ୍ଧତି ପାଇଁ ।

ଅପ୍ଟୋଜେନିଟିକ୍ସ୍‌ରୁ ପାର୍କିନସନ୍, ଓ ଏପିଲେପ୍ସି ଭଳି ସ୍ନାୟୁଜନିତ ରୋଗର ଚିକିତ୍ସାରେ ବ୍ୟବହାର କରାଯାଇପାରିବ କି ନାହିଁ, ବର୍ତ୍ତମାନ ବୈଜ୍ଞାନିକମାନେ ତାହା ଉପରେ ଗବେଷଣା କରୁଛନ୍ତି ।

ଚଳିତ ବର୍ଷର ନୋବେଲ ପୁରସ୍କାର ଚିକିତ୍ସାରେ ସେହି ଗବେଷଣାକୁ ଦିଆଯାଇଛି, ଯାହା ଗୋଟିଏ ସାଧାରଣ ପ୍ରଶ୍ନରୁ ଆରମ୍ଭ ହୋଇଥିଲା । କିପରି ଲ୍ୟୁମାଇଡୋମୋନାସ୍ ଆଲୋକ ଆଡ଼କୁ ଗତି କରିଥାଏ ? ଏହି ପ୍ରଶ୍ନଟିର କୌଣସି ବ୍ୟାବହାରିକ ମହତ୍ୱ ନାହିଁ । ଏହା ମଧ୍ୟ ମନୁଷ୍ୟ ସ୍ୱାସ୍ଥ୍ୟର କୌଣସି ଜରୁରୀକାଳୀନ ପ୍ରସଙ୍ଗକୁ ଇଙ୍ଗିତ କରୁନାହିଁ । ତଙ୍ଗ ଅପ୍‌ଟୋଜେନିଟିକ୍ସର ସଫଳତା ଆମକୁ ଶିକ୍ଷା ଦେଉଛି କି ଆମେ ଆମର ଦରୁଖପାଖୁଣ୍ଟକୁ ବୁଝିବା ପାଇଁ ସବାବର୍ତ୍ତମାନ ପ୍ରଶ୍ନ ପଚାରିବା ଆବଶ୍ୟକ ଜାଣତ ଏହା ଅନୁମାନ କରିବା ଅସମ୍ଭବ ଯେ ଜ୍ଞାନ ଆମକୁ କେତେବେଳେ କେଉଁ ଆଡ଼େ ନେଇ ପହଂଚାଇବ ।

ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ ନଂ- ୮୪୪୦୪୨୯୯୭

ପିଲାଙ୍କୁ ସମ୍ପତି ଦେବା ପୂର୍ବରୁ ସଂସ୍କାର ଦିଅନ୍ତୁ

॥ ଦିପ୍ତିମୟୀ ନାୟକ ॥

ଆଜିର ସମାଜରେ ପ୍ରତ୍ୟେକ ବାପାମାଆଙ୍କର ଗୋଟିଏ ସ୍ୱପ୍ନ ଥାଏ ନିଜ ପିଲାମାନେ ଜୀବନରେ ବହୁତ ବଡ଼ ହୁଅନ୍ତୁ, ସୁଖରେ ରୁହନ୍ତୁ, ଭଲ ଘର କରନ୍ତୁ, ଗାଡ଼ି ବଡ଼ନ୍ତୁ, ଭଲ ଚାକିରୀ କରନ୍ତୁ ଏବଂ ଜୀବନରେ କେବେ କୌଣସି ଅଭାବର ସାମ୍ନା ନକରନ୍ତୁ । ସେଥିପାଇଁ ବାପା ନିଜ ଝାଳକୁ ରକ୍ତ କରି ରୋଜଗାର କରନ୍ତି । ମଆ ନିଜର ଅନେକ ଚାହାଲୁ ମନ ଭିତରେ ଚାପି ଉଖନ୍ତି । ନିଜେ ଅଭାବରେ ରହିଲେ ମଧ୍ୟ ପିଲାମାନଙ୍କର ଅଭାବ ଦେଖିବାକୁ ବାପାମାଆ ଚାହାନ୍ତି ନାହିଁ କିନ୍ତୁ ଏ ଦୌଡ଼ିରେ ଭିଡିରେ ଆମେ ଗୋଟିଏ ବଡ଼ କଥା ବୁଲିଯାଉଛେ । ଆମେ ପିଲାମାନଙ୍କ ପାଇଁ ବଡ଼ ସଂପତ୍ତି ଜରୁରୁ, ଜମିବାଡ଼ି ଜିଣୁଛେ, ବଡ଼ ବଡ଼ ଘର ତିଆରି କରୁଛେ, ହେଲେ ସେମାନଙ୍କ ହୃଦୟ ଭିତରେ ମାନବିକତା, ଦୟା, ସମ୍ମାନ ଓ ଭଲପାଇବାର ମଞ୍ଜି ପୋତିବାକୁ କେତେ ସମୟ ଦେଉଛେ । ପିଲାଙ୍କ ପାଇଁ ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ସଂସ୍କାର ଆଉ ସବୁଠାରୁ ବଡ଼ ଉତରାଧିକାର ଦେଉଛି ଚରିତ୍ର । ସମ୍ପତ୍ତି ମଣିଷକୁ ଆଳସୀ ଦେଇପାରେ କିନ୍ତୁ ସଂସ୍କାର ତାକୁ ଶାନ୍ତିରେ ବଂଚିବା ଶିଖାଏ । ଟଙ୍କା ଦେଇ ମଣ୍ଡଳୀ ଜିତ କିଣିହେବ କିନ୍ତୁ ଶାନ୍ତିର ନିଦ କିଣିହେବ ନାହିଁ । ଟଙ୍କା ଦେଇ ବଡ଼ ଘର ତିଆରି କରିହେବ କିନ୍ତୁ ସେଠି ଘରେ ହସଖୁସି ଓ ଆତ୍ମୀୟତା ରହିବା ପାଇଁ ଭଲ ମନ ଦରକାର । ଟଙ୍କା ଦେଇ ଅନେକ ଲୋକଙ୍କୁ ପାଖରେ ରଖିହେବ କିନ୍ତୁ ହୃଦୟରୁ କୁ ଭଲ ପାଉଥିବା ଲୋକଙ୍କୁ କିଣିହେବ ନାହିଁ । ଯେଉଁ ପିଲା ପାଖରେ କୋଟି କୋଟି ଟଙ୍କା ଅଛି କିନ୍ତୁ ବଡ଼ମାନଙ୍କୁ ସମ୍ମାନ ଦେବା ଜାଣେ ନାହିଁ, ଗରିବକୁ ମଣିଷ ବୋଲି ଭାବେ ନାହିଁ, ନିଜ ସ୍ୱାର୍ଥ ପାଇଁ ଅନ୍ୟର ମନ ଭାଙ୍ଗିବାକୁ ପଛାଏ ନାହିଁ ତେବେ ତାଙ୍କର ସମ୍ପତ୍ତି ଥାଇ ମଧ୍ୟ ସେ ପ୍ରକୃତ ଅର୍ଥରେ ଧନୀ ନୁହେଁ ।ଅମ୍ପଫାରେ ଯେଉଁ ପିଲାର ପାଖରେ ବହୁତ ଟଙ୍କା ନାହିଁ କିନ୍ତୁ ତା' ମନରେ ଦୟା ଅଛି, ମୁହଁରେ ମିଠା କଥା ଅଛି, ଆଚରଣରେ ଜଡ଼ତା ଅଛି ଏବଂ ହୃଦୟରେ ମଣିଷ ପାଇଁ ମମତା ଅଛି ସେ ପ୍ରକୃତରେ ଧନୀ । ଜାଣତ ଟଙ୍କାରେ ମଣିଷର ପରିଚୟ ହୁଏ ନାହିଁ, ମଣିଷର ପରିଚୟ ତା'ର ବ୍ୟବହାରରୁ ହୁଏ ।

ଯେଉଁ ବାପା ନିଜ ପିଲାର ଭବିଷ୍ୟତ ପାଇଁ ଦିନରାତି ପରିଶ୍ରମ କରନ୍ତି । ଯେଉଁ ମାଆ ନିଜ ପିଲାମାନଙ୍କ ଖୁସି ପାଇଁ ନିଜ ସୁଖକୁ ତ୍ୟାଗ କରନ୍ତି । ସେମାନଙ୍କ ତ୍ୟାଗର ମୂଲ୍ୟ ପିଲାମାନେ ବୁଝିବା ଦରକାର । ପିଲା ଯେତେବେଳେ ଅନ୍ୟକୁ ଅପମାନ କରେ ସେତେବେଳେ ତାକୁ ଆଦର କରିବା, ଭଲ ଖାଇବାକୁ ଦେବା, ଭଲ

ଶବ୍ଦ

ପୃଷ୍ଠା ସଂପାଦନା: କୃଷ୍ଣ କୁମାର ମହାନ୍ତି
ସାପ୍ତାହିକ ସାହିତ୍ୟ ପତ୍ର

ବାଲେଶ୍ୱର, ରବିବାର, ୧ ନଭେମ୍ବର ୨୦୨୬

ସେଇଠୁ ଆରମ୍ଭ

ପ୍ରାୟୋଗିକ ସମୀକ୍ଷା–୫୨

ପ୍ରଭାତୀ ମାଝିଙ୍କ କବତା 'ମଧୁମାସ'

ଡକ୍ଟର ବିଶ୍ୱରଂଜନ ଦାସ



▶▶କବିତା : 'ମଧୁମାସ'

▶▶କବି: ପ୍ରଭାତୀ ମାଝୀ

▶▶ପ୍ରକାଶନ : ଦେବତା, ସେପ୍ଟେମ୍ବର- ୨୦୨୬

ସଂପ୍ରତିକ ଜାବନେ ସାମାଜିକ-ପ୍ରଯୋଗୀ ସାହଯ୍ୟାଖାନ ଶକ୍ତିଶାଳୀ ପରିପ୍ରକାଶ ଲାଭ କରିଥିବ୍ୟ କବି ପ୍ରଭାତୀ ମାଝୀଙ୍କ କବିତାରେ। ଲୋମାଂଚିତ୍ ଭାବନିର୍ଭାର ପରିବର୍ତ୍ତେ ସମାଜ ଓ ଶାସ୍ତ୍ରମଚେତନ ବିକୃତ ଦେହେରା ପ୍ରତି ଶ୍ରାଣିତ ସ୍ପର୍ଶ ଓ ଯାବତ ଦ୍ୟାତିଜ୍ଞ ପ୍ରତି ବଦ୍ରୋହ ଅଭିମୁଖ୍ୟ ହଁ ତାଙ୍କ ଜାବନଜାଳର ସମ୍ବଳ। ସମାଜାଳାନ ଚଡ଼ିଆ କବିତାରେ ଲୋକଧାରାର ପ୍ରୟୋଗ, ସାମାଜିକ ପ୍ରଥାର ଓ ବିଦ୍ରୋହୀ ଚେତନାର ସମନ୍ୱୟ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରଛି। 'ଦେବତା' ସେପ୍ଟେମ୍ବର ସଂଖ୍ୟାରେ ପ୍ରକାଶିତ ତାଙ୍କର 'ମଧୁମାସ' କବିତାରେ ଏହି ବୈଶିଷ୍ଟ୍ୟ ସୁସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି।

କବିତାଟି ମୃତ୍ୟୁ ଓ ନଶ୍ୱରତାକୁ ଆଧାର କରି ରଚିତ। କବି ସାମାଜାକ ସାମାଜିକ ଓ ଆଧ୍ୟାତ୍ମିକ ବ୍ୟବସ୍ଥାର ଦୁର୍ବୁତ୍ତ ଓ ମେଟିଚିତ ପ୍ରଧାନତଃ ଦୁଃଖଦ ବାସ୍ତବତାକୁ ବ୍ୟକ୍ତ କରଛି, "ସତ ସତ୍ୟ ଶବ୍ଦଟିଟ୍ଟି ଦାଗଦୁଆରେ"- ପ୍ରଥାଟ୍ ସତ୍ୟ ଏଠାରେ ଜୀବନ ନୁହେଁ, ଅବଯେଚିତ ଓ ମୃତଚିତ୍ର ବସ୍ତୁତା। ଆଚିର ସମାଜରେ ନାରୀର ଅସହାୟତା, ପୁରୁଷାମାନଙ୍କ ଦ୍ୱିଂସା-ଦ୍ୱେଷର ଏକ ବିଷାଦମୟ ଚିତ୍ରରୁ ଦେଖଛି- "ଲୋକ ଭାଗଚ ପଡ଼ଛି ଗୋ ମାଟିର ଅବଚେତନ ଦେହରେ / ରକ୍ତ ଗଳତ ସାତ୍କାର ରୁଦି-ଚୋଳନରେ ବ୍ୟଥ ଅଛି ଛୋଟ ପଙ୍ଗରେ"- ପ୍ରଥାନ୍ତ ଗଣତ, ପୁଞ୍ଜିପତି ଓ ପ୍ରଶାକ ମିଳିମିଶି ଏକ ଏଯାଏ ପୁରୁଣ ଦେଇନଥିବା ସ୍ୱପ୍ନ ଗଳାମୁରୁଚିର ଜଘାରୁ ଥିବା ସମାନ। ମୃତ୍ୟୁଦାନ ଦେଇସାରିଥିବା ଦୁଃଖ ପଛରେ ଜାବିଦେର ଆଶ ସେ ଅବଯେଚିତ ଅଥଚ ଜାବନ୍ତ ଉପସ୍ଥିତି ଜଣାଇଛନ୍ତି।



ଦ୍ୱତ୍ୟ ରୂପଜାସ୍ୱର ତିକ୍ତତା ମାଧ୍ୟମରେ କବି ସାମାଜିକ ସାଚ୍ଚ-ନାତିର ବିଶ୍ୱିତ୍ୱା, ପରିବେଶୀୟ ବିପର୍ଯ୍ୟୟ ଓ ମାନବିକ ବିଭଜାନ୍ତାକୁ ଉତ୍ତର ଅସ୍ପର୍ଶ୍ୟତି ଓ ବର୍ତ୍ତିପୂର୍ତ୍ତି ମାଧ୍ୟମରେ ପ୍ରତିଫଳନ ଦାହିତ୍ତି। ଅଜୋଚ୍ୟତ ମ୍ରାସ ଓ ପୁତ୍ରଶୋକ 'ଚିରିଯାଇଥିବା ଆକାଶ', ଏଣ୍ଟି ଜ୍ଞନ ଆଉ ଅବଚ୍ଛାରୁ 'ଉତ୍ତରି ଆସିଥିବା ଆକାଶ' ଓ 'ଶିଶୁ ପିଆସିବା ନଦ', ବିଶ୍ୱାସ ସ୍ୱାଧ ଓ ପ୍ରବଳତିର ପ୍ରତ୍ୟୁତିରେ ଶବ ଓ ଅବଶାନ୍ତ 'ସବଳାଶ୍ରୁ ଓ ଦୀନାଶ୍ରୁ', ଅଥଚାନ ସାଶ୍ୱର୍ଚ୍ଚ ବିଦାଶକାରୀ ଶକ୍ତି ଥାର ଦେବାକୁ 'ଅଥଚ ମିଥୁନ ଯେଉଁଠି ଜାଣି କବିମ୍ବାକୁ ଚଲ୍ଲାଗୁରୁ'- ଜଚାଦାରି ଚିତ୍ରଚେତନା ପ୍ରୟୋଗ ଦ୍ୱାରା ଜଜୋଚାରିତାକୁ ସଦ୍ଭତ ଓ ପାରିବେଶିକ ଅବାଚାରର ପ୍ରତି କବି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। 'ଆଚ ସ୍ୱତ୍ତ ଚାର ଦାଗାଟିରେ' ଗୋଟି ପଜାନନ୍ତାଦା ଆନ୍ତିମ୍ବାଖ୍ୟ ଜବିତାଟି ଆରମ୍ଭ ହେବା ଭଳି ଜଗାପ୍ରତ୍ୟୁଥରେ ମଧ୍ୟ ଏହା ଜାପ୍ରତ୍ୟୁଷୋଚିତ ପରାଜୟ ନୁହେଁ; ବରଂ ଅପ୍ରତିହତ ଓ ପୃଷ୍ଠିତ ପରିବେଦକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଦୃଢ଼ ଅଚ୍ଚାନ। କେଶ ପରରେ ବେସ୍ତିଚ୍ଚାଳ ଦୃଷ୍ଟିରେ ଦୃଷ୍ଟିତ ପରିବେଦକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଦୃଢ଼ ଅଚ୍ଚାନ। କେଶ ପରରେ ବେସ୍ତିଚ୍ଚାଳ ଦୃଷ୍ଟିରେ ଦୃଷ୍ଟିତ ପରିବେଦକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଦୃଢ଼ ଅଚ୍ଚାନ। "ଯେଉଁଠା ଯତି ଭାଜ୍ୟ ନୁହେଁ / ଝତୁକୁ ପରାରିବାକୁ ହେବ / ଦେଉଁ ଚାରିଖୁଣ୍ଟୁ ଆକାଶ ହୁଏ ମଧୁମାସ।" ମଧୁମାସରର ଆକ୍ଷାନ୍ତ ପାରିବୃତ୍ତ ନୁହେଁ; ବରଂ ଝତୁ, ବଂଚ୍ଚାର, ପରିବର୍ତ୍ତନ ଓ ବିଯୁକ୍ତ ବଂଚାର। ସାମାଜିକ ପରଚ୍ଚାରର ପ୍ରତ୍ୟାଜାରକୁ ହେଲେ ମଧୁମାସର ଅଠିକ ଚାରିଖ୍ ଖୋଚିବାକୁ ହେବ ଓ ଏଥିପାଇଁ ବେପ୍ରତିକ ଝତୁର ଆବଶ୍ୟକତା ଅବଶ୍ୟାଯାତୀ।

ବାସ୍ତବିକ ସମାଜ ଅଞ୍ଚଳରେ ଯାହା ସତ୍ୟ ହୋଇ ପ୍ରତୀତ ହୁଏ, ତାହା ଅପ୍ରତ୍ୟୁତ୍ୟ ଶିବାର ହୋଇ ପାଣ୍ଡତ୍ୟାରେ ପରିବର୍ତ୍ତିତ ହୋଇଥିବାର ଏକ ଆଜାଖ ଶବ୍ଦ। 'ଭୋର ଆକାଶ' ଚିରନ୍ତନ ଆଶା ଓ ଆକାଙ୍କ୍ଷ ନବଯୋଦ୍ଧର ପ୍ରତୀକ, ଶ୍ରମଜୀବୀ, ଯୌନକର୍ମୀ ଓ ଲଞ୍ଚାଚାଳାନାକୁ ବଦ୍ଧୁଚ୍ଚି ପ୍ରତାରିତ। ପ୍ରତିଥା ଜନ୍ମଚାରନରେ ଆଖାନ୍ତିକତାର ସର୍ବୋଚ୍ଚ ସତ୍ତର ଜାବ୍ୟବତାର ସାଧାନା ଲୋକରେ ଆବୃତ। ସୋପାନୀୟ ବଦ୍ଧର ଭିତରେ ଜନ୍ମଗ୍ରହଣ ଓ ଝାଡ଼ ଭୋର କଲି ଜାବୃଦ୍ଧିତି ତଳେ ଲୋକ। 'ମଚିରାର ମଧ୍ୟାରାତ'ର ଶବରେ ଉଚ୍ଚିରାଯାଇ ମତ, ଶ୍ରମଚାରିୟା ଓ ମିଳିକ ବିଶ୍ୱାସ୍ୟାପ୍ତାବଦ୍ଧା। ଜବିତାର ଭାଷା ଅତ୍ୟନ୍ତ ସରଳ, ପ୍ରତୀକାତ୍ମକ, ଚାକ୍ଷ ଓ ଜନଜାବନ ଜିବଦ୍ଧର୍ତ୍ତା। ସମ୍ବାଳକ ମିଥ୍ୟ ସୌନ୍ଦର୍ଯ୍ୟବୋଧର ମୁଖ୍ୟଖୋଲି ବାଦ୍ଧବତାର ଅନ୍ତ-ଅନ୍ତରାଳ ଓ ଅସ୍ତରାତ୍ମ ମିଳିକ ଭାବେ ଉପସ୍ଥାପିତ ହଚିଥା। ଚିଚ୍ଚତ୍ରାତ୍ମା ହେତୁରୁ ମାଧ୍ୟମରେ ମାଧ୍ୟମରେ ମୁକ୍ତିର ସନ୍ଧାନ ହେବା ହିଁ ପ୍ରେରଣ କବିତାର ବୈଶିଷ୍ଟ୍ୟ।

ପାରମାଜିକ ବଦ୍ୟାକ-ବର୍ତ୍ତମାନରେ 'ମଧୁମାସ' ଦେବକ ପ୍ରତ୍ୟୁତି ଓ ଶୁଦ୍ଧାରର ଆକାଙ୍କାକିକ ଦର୍ତ୍ତ ହୋଇ ରହି ଆସିଥିବା ବେଳେ, ପ୍ରଭାତୀ ମାଝୀଙ୍କ କବିତା ନବ୍ୟ-ପ୍ରତିରୋଧର ବାର୍ତ୍ତା ପ୍ରଦାନ କରେ। ସେଉଁ ଭୋରଟିର ଜନ୍ମ ସୁଦ୍ଧାରିତ ହବ୍ୟ ସୁଦ୍ଧାରିତ ନୁହେଁ, ଶ୍ରମଜାବାକାନ ଦେହରେ ଅନ୍ତଜାର୍ତ୍ତ ଓ ଅଶ୍ରୁରୁ ପାଖାପାଖିରେ ନିରାନ ହୁଏ ଚିର୍ଜାବିତ ଓ ଏଥାଚି କବିତାର ଜାବିଜୟ।

▶▶ଜିତାୟ ମୁଖ୍ୟ ଅଧ୍ୟାପକ
ଚି-ବଦ୍ୟକ୍ୟ ବଦ୍ୟାଳୟ, ପାଚିଆପିଠା, ଭଦ୍ରକ,
ଫୋନ୍: ୬୩୭୭୪୯୩୦ ୫୬୩୩

ମଧୁମାସ

ପ୍ରଭାତୀ ମାଝୀ

ସଖା ମୋ !
ସତ୍ୟକ ସତ୍ୟକ ତାଳ ବାଜାଣିଥିବା
ଏ ଭୁଲଖରୁ
ସେଉଁଠି 'ସତ ସତ୍ୟ' ଶବ ପଡ଼ିଛି ବାଦ୍ଧାଦୁଆରେ
ଭୋର ଆକାଶରେ ଜନ୍ମୁଛି
ପାଚ୍ଚିଦା ମାବାଜିଆର ଲାଲ୍ ଉତ୍ତରାୟ
ଭୋକର ଜାଗରଣ ଜହ୍ନଟି
ସଖା ମଜିକ ସବଜାତି ବଦ୍ଧିରେ
ରକ୍ତା ଗଳତ୍ତ ସାମୁଜାର
ଜୁରିଭୋକରେ ବଂଷ୍ଟାଛନ୍ତି
ଛୋଟ ପଙ୍ଗରେ ।

ଆଉ ପଶିଆସବନର
ଅଘୋଷାରେ ଜୁରନ୍ତି,
ତାଇ ବାଦ୍ୟାରିଥିବା,
ଏ ପଜରରେ ମିଶିଛି
ବାଦ୍ୟା-ବସ୍ତ୍ର ସହିଯାଇଥିବା
ଝିଅ ମାଘର ଚାପ୍ତିଶ୍ୱାସ।
ଭୋଟ ପଶ୍ୟାରାରିରେ
ବିଦ୍ୟ ଦେଇଥିବା
ଟଂଚାଖରର ଦେବତା
ମିଶିଜରିଛି ପ୍ରଗତିର ଚାଖାନରରେ
ବର୍ଦ୍ଧବର୍ଦ୍ଧର ପ୍ରବଂଚନା।

ଗାଖାରେ ଥୋଇ ଥୋଇ ଆସ

ଏଯାଏ ପୁରୁଣ ଦେଇନଥିବା ସ୍ୱପ୍ନ
ଜାଗାମୁରୁଚିର ଜପାରକୁ ଥିବା ସାମାନ।
ମୂଲ୍ୟବାନ ଦେଉଥାଚିବ୍ୟା ଦୂତର
ପଙ୍ଗରେ ଜାଦ୍ରିଦେର ଆଶ
ସେ ସମ୍ବଟ୍ଟ ମିଥୁନ
ସେଉଁଠି ଖାଲି ଜନ୍ମିଥିବେ ଜଘୁଷୁର।

ସଜ୍ଜସଘାତ ବାଦାରିଆସ
ସଜ୍ଜନାଙ୍ଗ ଓ ସୈନାକୁଆର
ସାର୍ଥ ଛାଡ଼ି,
ପଙ୍ଗରେ ଜାଡ଼ିଥାସ
ମଚିରାର ମଧ୍ୟାରାତ
ମିଜ ପତ୍ରଥାର
ଆଉ ମିଠମାଳଙ୍କର ଦେଉମାଚି ।

ଏବେ ଆଉ ଜନ୍ମଗ୍ରହଣକୁ
ପରାଜାଳାଚି କେମିତି ଚିରିଯାଇଛି ଆକାଶ
ଜଙ୍ଗମାନଙ୍କୁ ପରାଜାଳାରେ
କେମିତି ଜରୁରି ଯାଇଛି ପାପାନ୍ତ
ନରମାନଙ୍କୁ ପରାଜାଳାରେ
କେମିତି ପିରାନ୍ତକୁ ହୁଏ ଜବର ।

ଜରରି ଜରରି ଲୋକ୍ତାନ୍ତି ଆଖ
ଫେରିବା ଯଚି ଭୋର ନୁହେଁ
ଝତୁକୁ ପରାରିବାକୁ ହେବ
ଦେଉଁ ଚାରିଖୁଣ୍ଟୁ ଆକାଶ ହୁଏ ମଧୁମାସ।

▶▶ସାମାଚିତା: ମୋଉଥାଖୁର
ଭାଦଚଳଦ, ଗୋପିଆପୁଦ
ବୁଦ୍ଧଜ, ଜଗତସିଂହପୁର
ଫୋନ୍: ୯୬୩୬୪୫୯୪୬୩୩

ଅଳ୍ପଗଳ୍ପ

ବୁଢ଼ିଆଣୀ

ସୁଚରିତା ବେହେରା

ଚାଲପଥୁଆ । ମୁଁ ଦେଖୁଥା ଚଳି ସ୍ୱାଭାବିକ ଦେବାକୁ । କିନ୍ତୁ କିଛି ସମୟ ପରେ ମୁଁ ବୁଝିପାରିଲି ଯେ ମୋ ଆଖି ଦୁଇଟି ଲୁହରେ ଭରି ଯାଇଛି । ମୋତି ବାବୁଙ୍କ ଜଣାଣ ସହିତ ମୁଁ ଯେମିତି ଜାଣୁଛେ ଯେ ଏ ଜୀବନରେ ଆମକୁ ଦେଖିବାକୁ ଆଉ କିଛି ବାକି ନାହିଁ



ଶ୍ରୀମନ୍ଦିର ଆରମ୍ଭ
SEITHO ARAMBHA



ରବିବାର, ୧ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୬

ଜିଲ୍ଲା ବିଜେପିର ଗଣତନ୍ତ୍ର ବଂଚାଅ - ଅରାଜକତା ହଟାଅର ଜିଲ୍ଲା କର୍ମଶାଳା



ଜଗତସିଂହପୁର, ୩୧/୧୦ (ଆ.ପ୍ର) : ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ସ୍ଥାନୀୟ ଜଗତସିଂହପୁର ପୌର ପରିଷଦ କଲ୍ୟାଣ ମଣ୍ଡପ(ସର୍କିଟ ହାଉସ) ଠାରେ ଜିଲ୍ଲା ବିଜେପି ର ଗଣତନ୍ତ୍ର ବଂଚାଅ - ଅରାଜକତା ହଟାଅର ଜିଲ୍ଲା ସ୍ତରୀୟ କର୍ମଶାଳା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଉପସଭାପତି ତଥା ପୁରୀ ର ସାଂସଦ ଡ଼ ଯତୀନ ମହାନ୍ତି ଯୋଗ ଦେଇଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତିଙ୍କ ସଭା ପରିଚାଳନାରେ ମନ୍ତ୍ରୀ ଶିଳ୍ପ ଓ ଦକ୍ଷତା ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ଼ ବିଭୁ ପ୍ରସାଦ ତରାଇ ଜିଲ୍ଲା ପ୍ରଭାରୀ ସୁବାଷ ଜେନା, ରାଜ୍ୟ ସମ୍ପାଦିକା ସ୍ମିତା ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ମହାପାତ୍ର, ଅମିତା ଦାଶ, ସଞ୍ଜୟ ମହାନ୍ତି ପ୍ରମୁଖ ଗଣତନ୍ତ୍ର ବଂଚାଅ - ଅରାଜକତା ହଟାଅ ଉପରେ ଆଲୋଚନା କରିଥିଲେ । ଜିଲ୍ଲାରେ ଆସନ୍ତା ନଭେମ୍ବର ମାସରୁ ଅଭିଯାନ ଆରମ୍ଭ ହେବ । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି, ଝଡ଼ ତଥା ମତାଦାତା ତାଲିକାରେ ଶୃଙ୍ଖତା, ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡିକର ବିଶ୍ୱସନୀୟତା, ସାମ୍ବିଧାନିକ ମୂଲ୍ୟ ବୋଧ ଓ ନିର୍ବାଚନୀ ପ୍ରକ୍ରିୟା ସମ୍ପର୍କରେ ବିରୋଧୀ ଦଳର ମିଥ୍ୟା ରାଜନୈତିକ ଏଜେଣ୍ଡା ତଥା ଗୋମୁଖଁ ମାନଦଣ୍ଡ ଉଜାଗର କରିବା ଏବଂ ଭାରତର ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡିକ ପ୍ରତି ଜନସାଧାରଣ ବିଶ୍ୱାସକୁ ସୁଦୃଢ଼ କରିବା ଦେଶୀ ବିଦେଶୀ ଅତିଥି ମାନେ ମାତବ୍ୟକ୍ତ କରିଥିଲେ । ଏଥ୍ୟ ପାଇଁ ଜିଲ୍ଲାରେ ଆଗାମୀ ଦିନରେ, ସାମାଜିକ ସମ୍ପିନୀ, ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ନେଇ ପଦଯାତ୍ରା, ସମସ୍ତ ନିର୍ବାଚନ ମଣ୍ଡଳୀରେ ବୁଦ୍ଧିଜୀବୀ ସମ୍ମିଳନୀ, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ସହ ପୁରସ୍କାର ବିତରଣ ଆଦି ଅନୁଷ୍ଠିତ ହେବ, ଜିଲ୍ଲା ଉପସଭାପତି ତପନ ତ୍ରିପାଠୀ ଅତିଥି ପରିଚୟ ଜଣାଇବା ବେଳେ ଅନ୍ୟତମ ସମ୍ପାଦକ ଭୂପ ଝୁଟିଆ ଦ୍ୱାରା ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା, ଜିଲ୍ଲା କୋର ଟିମ ସଦସ୍ୟ, ଜିଲ୍ଲା ପଦାଧିକାରୀ, ସମସ୍ତ ମଣ୍ଡଳ ସଭାପତି ଓ ପ୍ରଭାରୀ, ସମସ୍ତ ମୋର୍ଚ୍ଚା ସଭାପତି ଓ ଛାତ୍ର ପ୍ରତିନିଧି ଯୋଗ ଦେଇଥିବେ ଶେଷରେ ଅନ୍ୟତମ ସାଧାରଣ ସମ୍ପାଦକ ପ୍ରଭାସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରବଳ ବର୍ଷା ପରେ ବଦଳିଲା ପାଗ



ଚାଲିଗୁଡ଼ା, ୩୧/୧୦ (ଆ.ପ୍ର) : ତିନିଦିନ ଧରି ଲଗାଣ ବର୍ଷା, ବନ୍ୟା ଓ ବାତ୍ୟାର ପ୍ରଭାବରେ ଅସ୍ତବ୍ୟସ୍ତ ହୋଇପଡ଼ିଥିବା କଳ୍ପମାଳ ଜିଲ୍ଲାର ପାଗରେ ଶନିବାର ଅଚାନକ ପରିବର୍ତ୍ତନ ଦେଖାଦେଇଛି । ଚାଲିଗୁଡ଼ା ଅଂଚଳରେ ଶନିବାର ପ୍ରତ୍ୟୁଷରୁ ଘନ କୁହୁଡ଼ିର ଅସ୍ତରଣ ଦେଖିବାକୁ ମିଳିଥିବା ବେଳେ ସକାଳ ବଢ଼ିବା ସହ କୁହୁଡ଼ି ଧୀରେ ଧୀରେ ହଟିଯାଇଥିଲା । ଏଥାପରେ ଦିନ ତମାମ ପ୍ରବଳ ଖରା ସାଙ୍ଗକୁ ଗରମ ଅନୁଭୂତ ହୋଇଥିଲା । ସତ କିଛିଦିନ ଧରି ମେଘୁଆ ପାଗ, ଝିପିଝିପି ବର୍ଷା ଓ ଥଣ୍ଡା ପବନ ଯୋଗୁଁ ଅଂଚଳରେ ଶୀତର ପରିଲେଖ ଜହିଯାଇଥିଲା । ମାତ୍ର ଶନିବାର ସକାଳୁ ପାଗର ଏଭଳି ଅପ୍ରତ୍ୟାଶିତ ପରିବର୍ତ୍ତନ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ସକାଳେ ଘନ କୁହୁଡ଼ି ଯୋଗୁଁ ଗାଖାଗାଡରେ ଦୃଶ୍ୟମାନତା କମିଯାଇଥିବାବେଳେ ଯାତବାତ ଚାଳକମାନେ ସତର୍କତାର ସହ ଯାତାୟାତ କରୁଥିବା ଦେଖାଯାଇଥିଲା । ବିଶେଷକରି ସକାଳୁ ଯାତାୟାତ କରୁଥିବା ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକମାନେ ହେଡ୍‌ଲାଇଟ୍ ଜଳାଇ ଧୀର ଗତିରେ ଯାତ୍ରା କରିଥିଲେ । ଅନ୍ୟପକ୍ଷରେ ଦିନବେଳା ପ୍ରଖର ସୂର୍ଯ୍ୟକିରଣ ଓ ଗରମ ଯୋଗୁଁ ଲୋକଙ୍କୁ ପୁଣି ଘାମୁ ଉତ୍ତର ଅନୁଭୂତି ହୋଇଥିଲା । ତିନିଦିନର ବର୍ଷା ଓ ବାତ୍ୟା ପରବର୍ତ୍ତୀ ସମୟରେ ଗୋଟିଏ ଦିନରେ କୁହୁଡ଼ି, ଖରା ଓ ଗରମର ଏଭଳି ପରିବର୍ତ୍ତିତ ରୂପ ଚାଲିଗୁଡ଼ାବାସୀଙ୍କ ପାଇଁ ଚର୍ଚ୍ଚାର ବିଷୟ ପାଲଟିଛି ।

କୋଟିଆରେ ଆନ୍ଧ୍ର ନିର୍ବାଚନକୁ ନେଇ କୋରାପୁଟରେ ସର୍ବଦଳୀୟ ବୈଠକ



କୋରାପୁଟ, ୩୧/୧୦ (ଆ.ପ୍ର) : କୋଟିଆକୁ ନେଇ ପୁଣି ତେଢିଲା ରାଜନୈତିକ ତତ୍ପରତା । କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ର ନିର୍ବାଚନକୁ ନେଇ ଏକ ସର୍ବଦଳୀୟ ବୈଠକ କୋରାପୁଟ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା କୋଟିଆ ଫଂଚାୟତର ବାସିନ୍ଦା ଜୟରାମ ପାଙ୍ଗିଙ୍କ ଅଧ୍ୟକ୍ଷତାରେ ବୈଠକ ଅୟୋଜନ କରାଯାଇଥିଲା । କୋରାପୁଟ ବିଧାୟକ ମାନଙ୍କ ସହିତ ଜୟରାମ ପାଙ୍ଗି ନିର୍ବାଚନ ଦିନ ସମସ୍ତ ଗ୍ରାମକୁ ଯାଇ ସମସ୍ତଙ୍କୁ ଅଣ୍ଟା ଭରି ଭୋଟର ମାନଙ୍କୁ ଆହ୍ୱାନ ଦେଇଛନ୍ତି ଯେ ସମସ୍ତେ ଉକ୍ତ ଦିନ କୋଟିଆ ଆସନ୍ତୁ ଏବଂ ଆନ୍ଧ୍ର ଭୋଟର ରାଜନୀତିକୁ ନେଇ ବିରୋଧ କରନ୍ତୁ ଯେପରି ଗୋଟିଏ ହେଲେବି ଭୋଟ ପଡ଼ିବ ନାହିଁ ।କୋରାପୁଟ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲିଙ୍କ ସହ ଅନ୍ୟ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ ।

ଜୁନାଗଡ଼ ଓ ଜୟପାଟଣା ବ୍ଲକରେ ଅଙ୍ଗନବାଡ଼ି କର୍ମୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ଚର୍ଚ୍ଚା



କଳାହାଣ୍ଡି, ୩୧/୧୦ (ଆ.ପ୍ର) : ଜିଲ୍ଲାର ଜୁନାଗଡ଼ ଓ ଜୟପାଟଣା ବ୍ଲକରେ ଅଙ୍ଗନବାଡ଼ି କର୍ମୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ନିଯୁକ୍ତି ସମୟରେ ଦାଖଲ କରାଯାଇଥିବା ଶିକ୍ଷାଗତ ପ୍ରମାଣପତ୍ରର ସତ୍ୟତାକୁ ନେଇ ତିକ୍ତ ଅଭିଯୋଗ ଓ ସନ୍ଦେହ ପ୍ରକାଶ ପାଇଛି । କେତେକ କର୍ମୀ ପ୍ରକୃତରେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି କି ନାହିଁ, ସେନେଇ ସାଂଚର ଆବଶ୍ୟକତା ଦେଖିଛି । ଅଭିଯୋଗ ଅନୁଯାୟୀ, କେତେକ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଦାଖଲ ହୋଇଥିବା ସାର୍ଟିଫିକେଟ୍‌ର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି । ପ୍ରକୃତରେ ପାଠପଢ଼ି ଶିକ୍ଷାଗତ ଯୋଗ୍ୟତା ହାସଲ କରିଛନ୍ତି କି ନାହିଁ, ଏବଂ ସମ୍ପୃକ୍ତ ବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନରୁ ସେହି ପ୍ରମାଣପତ୍ର ଜାରି ହୋଇଛି କି ନାହିଁ, ତାହାର ଯାଂଚ ହେବା ଜରୁରୀ । ଯଦି କୌଣସି ପ୍ରମାଣପତ୍ର ଜାଲ୍ ବୋଲି ପ୍ରମାଣିତ ହୁଏ, ତେବେ ଏହା ନିଯୁକ୍ତି ବ୍ୟବସ୍ଥାର ସୁଦ୍ଧତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇବ । ଏହି ପରିପ୍ରେକ୍ଷୀରେ ଜୁନାଗଡ଼ ଓ ଜୟପାଟଣା ବ୍ଲକର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ସମ୍ପୃକ୍ତ ବିଦ୍ୟାଳୟ, ଶିକ୍ଷା ବୋର୍ଡ ଓ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଯାଂଚ କରିବାକୁ ଦାବି ହେଉଛି । ନିଯୁକ୍ତି ସମୟରେ ଦାଖଲ ହୋଇଥିବା ପ୍ରମାଣପତ୍ର ଏବଂ ବିଭାଗ ପକ୍ଷରୁ କରାଯାଇଥିବା ଯାଂଚର ରେକର୍ଡ ମଧ୍ୟ ସମାନ୍ତରା କରାଯିବା ଆବଶ୍ୟକ । ଅଙ୍ଗନବାଡ଼ି ନିଯୁକ୍ତିରେ ଯୋଗ୍ୟ ପ୍ରାର୍ଥୀଙ୍କ ଅଧିକାର ସୁରକ୍ଷା ସହ ସୁଦ୍ଧତା ଓ ନିରପେକ୍ଷତା ବଜାୟ ରଖିବା ଜରୁରୀ । ତେଣୁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ସମ୍ପୃକ୍ତ ବିଭାଗ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ନିରପେକ୍ଷ ତଦନ୍ତ କରିବା ସହ ଦୋଷ ପ୍ରମାଣିତ ହେଲେ ନିୟମାନୁସାରେ ପଦକ୍ଷେପ ନେବାକୁ ଦାବି ହେଉଛି ।

ଲୋକକଳା ମଂଚରେ ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟର ରାଜିମାତ୍



ବାଲିଗୁଡ଼ା, ୩୧/୧୦ (ଆ.ପ୍ର) : ପାଠପଢ଼ା ସହ ସାଂସ୍କୃତିକ ପ୍ରତିଭାର ପ୍ରଦର୍ଶନରେ ମଧ୍ୟ ନିଜର ଶ୍ରେଷ୍ଠତ୍ୱ ପ୍ରମାଣିତ କରିଛି ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ । ଫୁଲବାଣୀ ସ୍ଥିତ ଗାନ୍ଧୀ ସୁତି ଭବନ ପରିସରରେ ଆୟୋଜିତ ଲୋକନୃତ୍ୟ ଓ ଲୋକଗୀତ ପ୍ରତିଯୋଗିତାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ହାସଲ କରି ନିଜ ଅନୁଷ୍ଠାନ ସହ ବାଲିଗୁଡ଼ା ଅଂଚଳ ପାଇଁ ଗୌରବ ଆଣିଛନ୍ତି । କନ୍ଧମାଳର ଆଦିବାସୀ ପରମ୍ପରା, ଲୋକଜୀବନ ଓ ସମୃଦ୍ଧ ସଂସ୍କୃତିର ଝଲକକୁ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଜୀବନ୍ତ ରାଜେ ଉପସ୍ଥାପନ କରିଥିଲେ । ମହାବିଦ୍ୟାଳୟ ର ପ୍ରତିଯୋଗୀମାନେ । ସେମାନଙ୍କର ଆକର୍ଷଣୀୟ ପରିବେଷଣ ଓ କଳାତ୍ମକ ଦକ୍ଷତା ବିଚାରକଙ୍କୁ ପ୍ରଭାବିତ କରିବା ସହ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ହାସଲ କରିବାରେ ସହାୟକ ହୋଇଥିଲା । ଏହି ସଫଳତାକୁ ନେଇ ମହାବିଦ୍ୟାଳୟରେ ଖୁସିର ମାହୋଲ ସୃଷ୍ଟି ହୋଇଥିବାବେଳେ ଅଧ୍ୟକ୍ଷ ଡ. ବିଜୁଳିରଞ୍ଜନ ଆଚାର୍ଯ୍ୟ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ଏହି ସଫଳତା ପଛରେ ରହିଥିବା ଅଧ୍ୟାପକ, ଅଧ୍ୟାପିକା ଓ ମାର୍ଗଦର୍ଶକ ମାନଙ୍କ ନିଷ୍ଠାପର ଉଦ୍ୟମକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । ହେବକ ପାଠ୍ୟକ୍ରମ ମଧ୍ୟରେ ଛାତ୍ରଜୀବନ ସମିତି ଗଢି ନେଇ କଳା, ସଂସ୍କୃତି, ସଙ୍ଗୀତ ଓ କ୍ରୀଡ଼ା ଜଳି କ୍ଷେତ୍ରରେ ମଧ୍ୟ ଯୁବପିଢ଼ି ନିଜ ପ୍ରତିଭାର ବିକାଶ କରିବା ଜରୁରୀ ବୋଲି ଅଧ୍ୟକ୍ଷ ମତବ୍ୟକ୍ତ କରିଛନ୍ତି । ଆଗାମୀ ଦିନରେ ମଧ୍ୟ ମହାବିଦ୍ୟାଳୟ ଏଭଳି ସଫଳତାର ଧାରା ବଜାୟ ରଖିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ ର ଏହି ସଫଳତା କେବଳ ଏକ ପ୍ରତିଯୋଗିତାର ବିଜୟ ନୁହେଁ, ବରଂ ଶକ୍ତିମାଳର ଆଦିବାସୀ ଲୋକକଳା ଓ ସାଂସ୍କୃତିକ ଐତିହ୍ୟର ପ୍ରଚାର ପ୍ରସାର ଦିଗରେ ଏକ ଉଲ୍ଲେଖନୀୟ ଉପଲବ୍ଧି ଭାବେ ବିବେଚିତ ହୋଇଛି ।

ଭାଙ୍ଗିଛି ଘାଇ, ବୁଡ଼ିଛି ହଜାର ହଜାର ଏକର ଚାଷଜମି; ଲୋକଙ୍କ ଦୁର୍ଦ୍ଦଶାର ହେବ ଅନୁଧ୍ୟାନ



ପାଟପୁର, ୩୧/୧୦ (ଆ.ପ୍ର) : ଅର୍ଦ୍ଧଚ ବାତ୍ୟା ଓ ପ୍ରବଳ ବର୍ଷା ପରେ ପାଟପୁର ର ଚିତ୍ର ବଦଳି ଯାଇଛି । ବନ୍ୟାରେ ବହୁ ଗାଁ ପ୍ରଭାବିତ ହୋଇଥିବା ବେଳେ ଭାଙ୍ଗିଛି ଘାଇ, ନଷ୍ଟ ହୋଇଛି ରାସ୍ତା ଏବଂ ଜନଗହ୍ମ ହୋଇ ରହିଛି ହଜାର ହଜାର ଏକର ଚାଷଜମି । ଏଭଳି ସ୍ଥିତିରେ ବନ୍ୟା କ୍ଷୟକ୍ଷତିର ଆକଳ ଚିତ୍ର ଅନୁଧ୍ୟାନ କରିବାକୁ ବିକୁ ଜନତା ଦଳର ଏକ ପ୍ୟାନ୍ଥ ପାଲଣ୍ଟି ଟିମ୍ ପ୍ରଭାବିତ ଅଂଚଳ ପରିଦର୍ଶନ କରିଛି । ବୁଧବାର ଟିମ୍ ୨ର ସଦସ୍ୟମାନେ ଚିକିଟି ଓ ପାଟପୁର କୁଳର ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରି ମଇଶାନପୁର, ସୁରନ, କେଶରାପଡ଼ା,ଚରଙ୍ଗ ଓ ଖୋରାଗାଁ ଭଳି ସାମାନ୍ତ ଗ୍ରାମରେ ପହଂଚିଥିଲେ । ସେଠାରେ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ବନ୍ୟା ପରବର୍ତ୍ତୀ ସମସ୍ୟା ଓ କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ଏହି ଟିମ୍ ?ରେ ପୂର୍ବତନ ବାଚସ୍ପତି ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଗୁରୁଚି ସାହୁ, ପ୍ରଭାର ଜେନା,ଶ୍ରୀକାନ୍ତ ସାହୁ, ଉଷା ଦେବୀ,ମନ୍ମଥ ରାଉତରାୟ,ଲୁଗୁ ବଳିପାତ୍ର, ଜିଲ୍ଲା ବିଜେଡି ସଭାପତି ଜିତିନ ପଞ୍ଚଂଡି ପାଟୁଳଙ୍କି । ଲୋକଙ୍କୁ ଜିଲ୍ଲାରୁ ୨୦ କୋଟି ଟଙ୍କା ସହାୟତା ଘୋଷଣା କରିଥିଲେ । ସେହି ସହାୟତା ଗାଖାନା ଜିଲ୍ଲା ପାଇଁ ସାଗୁତର ଶଙ୍ଖେ ବୋଲି ବୁହୁତ୍ତର ଡିଜେଡି ସାଂସଦ ପ୍ରଥୀ ଲୁଗୁ ବଳିପାତ୍ର ଜଣିଛନ୍ତି । ବନ୍ୟା ଯୋଗୁଁ ଚାଷୀଙ୍କ ବର୍ଷକର ଫସଲ ନଷ୍ଟ ହେବା, ଗବତ୍ପର ଶରିଡ଼ସ ହେବା, ଗ୍ରାମାଞ୍ଚଳିକ ଯୋଗାଯୋଗ ବିଚ୍ଛିନ୍ନ ହେବା ଏବଂ ବ୍ୟାପକ ଜନଗହ୍ମ ହୋଇଥିବା ଦୃଶ୍ୟ ଟିମ୍ ସଦସ୍ୟମାନେ ନଜରରୁ ଆସିଥିଲା । ବାହୁଡା ଓ ପଟୁତଳା ନଦୀରେ ବିପତ୍ତିପୂର୍ଣ୍ଣ ଭାବେ ଜଳ ପ୍ରବାହିତ ହେଉଥିବା ବେଳେ ଚୂଡ଼ିପୁର ସାତାସାର ଜଳଉତ୍ତାରର ହିଡ୍‌କୁ ଗ୍ରାମବାସୀ ନିଜେ ମରାମତି କରିଥିବା ଘଟଣା ଟିମ୍‌କୁ ଚିନ୍ତିତ କରିଥିଲା । ଏହାସହ କେତେକ ଗ୍ରାମରେ ପାନୀୟ ଜଳ ଓ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ ଟିମ୍‌କୁ ଜଣାଇଥିଲେ । ଏଥି ସହିତ ବାତ୍ୟା ପ୍ରଭାବିତ ଅଂଚଳରେ ଦର୍ଶମାନ ସୁଦ୍ଧା ଚିରିଫ



ଆରମ୍ଭ

SEITHO ARAMBHA

ରବିବାର, ୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭



ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଦିବସ, ବାସୁଦେବପୁର ପୋଲିସ ପକ୍ଷରୁ ଗଣଦୌଡ଼



ବାସୁଦେବପୁର, ୩୧/୧୦ (ଆ.ପ୍ର) : ଦେଶର ଏକତା ଓ ଅଖଣ୍ଡତାର ପ୍ରତୀକ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ସାରା ଦେଶରେ ପାଳନ କରାଯାଉଛି ରାଷ୍ଟ୍ରୀୟ ଏକତା ଦିବସ । ଏହି ଅବସରରେ ବାସୁଦେବପୁର ଥାନା ପକ୍ଷରୁ ଆୟୋଜିତ ହୋଇଛି ଏକ ଗଣଦୌଡ଼ । ଥାନା ଅଧିକାରୀ ନିରୋଜ କୁମାର ସାମନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି । ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଦେଶବ୍ୟାପୀ ପାଳିତ ହେଉଛି ରାଷ୍ଟ୍ରୀୟ ଏକତା ଦିବସ । ଦେଶର ଏକତା, ଅଖଣ୍ଡତା ଓ ଭାଇଚାରାର ବାର୍ତ୍ତା ଜନମାନସରେ ପହଂଚାଇବା ଲକ୍ଷ୍ୟରେ ବାସୁଦେବପୁର ଥାନା ପକ୍ଷରୁ ଆୟୋଜିତ ହୋଇଥିବା ଏକ ଗଣଦୌଡ଼ବାସୁଦେବପୁର ଥାନା ଅଧିକାରୀ ନିରୋଜ କୁମାର ସାମନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି । ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନ ବିଷୟରେ କହିଥିଲେ ଓ ଶେଷରେ ସମସ୍ତେ ଶପଥ କରେ, ତାହା ହେଲା ମୁଁ ଦେଶର ସାର୍ବଭୌମତ୍ୱ ସହିତ ଶପଥ ନେଉଛି ଯେ ମୁଁ ରାଷ୍ଟ୍ରର ଏକତା ଅଖଣ୍ଡତା ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବି । ଏବଂ ମୋ ଦେଶବାସୀଙ୍କ ମଧ୍ୟରେ ଏହି ସନ୍ଦେଶ ପ୍ରସାର କରିବାପାଇଁ ସମ୍ପୂର୍ଣ୍ଣ ପ୍ରୟାସ କରିବି ମୁଁ ଏହି ଶପଥ ମୋ ଦେଶର ଐକ୍ୟଭାବନାକୁ ସମ୍ମାନ ଜଣାଇବି । ମୋ ଦେଶର ଆହ୍ୱାନରୀତି ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ନିଜକୁ ସମର୍ପଣ କରିବାକୁ ସତ୍ୟନିଷ୍ଠା ସଂକଳ୍ପ ନେଉଛି ବୋଲି ଶପଥ ନେଲେ ଶେଷରେ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା ।

ଜାତୀୟ ଏକତା ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ



ପାପଡାହାଣ୍ଡି, ୩୧/୧୦ (ଆ.ପ୍ର) :ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ପଣ୍ଡିଜୋଟ ପଂଚାୟତ ପଞ୍ଜିଳନା ଲକ୍ଷ ଠାରେ ଆଜି ଜାତୀୟ ଏକତା ଦିବସ ରା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମତିଥି ଉପଲକ୍ଷେ ଆଜି ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭା କାର୍ଯ୍ୟନିର୍ବାହୀ ଅଧିକାରୀ ଜମାମୁୟାଲ ନନ୍ଦସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ରାଜେ ସଂଗଂଚ କାବୁଲା ଉତ୍ତା, ଏସିଡିଓ ଓ ଶରଦ ଚନ୍ଦ୍ର ବିଶୋୟୀ, ଉତ୍କଳ ସମାଚାର ସାମ୍ବାଦିକ ସାତାକାନ୍ତ ବିଶୋୟୀ, ଯୋଗୀ ସହାୟକ ପ୍ରଫୁଲ୍ଲ ହରିଜନ, ପିଅନ ଜମୁଲ୍ଲ ଜାନି, ସ୍ୱୟଂସହାୟକ ଗୋଷ୍ଠୀ, ସ୍ରୋତ ସଭ୍ୟ ଓ ଅନ୍ୟ ଲାଇନ ବିଭାଗ ଉପସ୍ଥିତ ଥିଲେ ଏ ବକ୍ତା ମାନେ ବଲ୍ଲଭଭାଇ ପଟେଲଙ୍କ ଜୀବନ ବିଷୟରେ କହିଥିଲେ ଓ ଶେଷରେ ସମସ୍ତେ ଶପଥ କରେ, ତାହା ହେଲା ମୁଁ ଦେଶର ସାର୍ବଭୌମତ୍ୱ ସହିତ ଶପଥ ନେଉଛି ଯେ ମୁଁ ରାଷ୍ଟ୍ରର ଏକତା ଅଖଣ୍ଡତା ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବି । ଏବଂ ମୋ ଦେଶବାସୀଙ୍କ ମଧ୍ୟରେ ଏହି ସନ୍ଦେଶ ପ୍ରସାର କରିବାପାଇଁ ସମ୍ପୂର୍ଣ୍ଣ ପ୍ରୟାସ କରିବି ମୁଁ ଏହି ଶପଥ ମୋ ଦେଶର ଐକ୍ୟଭାବନାକୁ ସମ୍ମାନ ଜଣାଇବି । ମୋ ଦେଶର ଆହ୍ୱାନରୀତି ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ନିଜକୁ ସମର୍ପଣ କରିବାକୁ ସତ୍ୟନିଷ୍ଠା ସଂକଳ୍ପ ନେଉଛି ବୋଲି ଶପଥ ନେଲେ ଶେଷରେ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା ।

ଭାରତର ଏକତା ଓ ଅଖଣ୍ଡତାର ପ୍ରତୀକ - ସର୍ଦ୍ଦାର ପଟେଲ



ଜଗତସିଂହପୁର, ୩୧/୧୦ (ଆ.ପ୍ର) : ଜଗତସିଂହପୁର ସଦର ବ୍ଲକ ଆନ୍ତର୍ଗତ ଓଡିଶାଗାଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ଯୁବା ଭାରତ ମିଳିତ ଆନୁକୂଲ୍ୟରେ ସର୍ଦ୍ଦାର ପଟେଲଙ୍କ ୧୫୧ ତମ ଜୟନ୍ତୀ ଶିକ୍ଷାଦିତ ତଥା ସଭାପତି ବିଜୟ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ରାଜେ ଜିଲ୍ଲା ଜ୍ଞାତା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ମୁଖ୍ୟ ବକ୍ତା ରାଜେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ସଞ୍ଚାଳିତ ଅତିଥି ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ପ୍ରମୁଖ କୁମାର ସାହୁ, ସୁରେନ୍ଦ୍ର କୁମାର ରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସର୍ଦ୍ଦାର ପଟେଲଙ୍କ ବହୁମୁଖୀ ପ୍ରତିଭା ଓ କାର୍ଯ୍ୟାବଳୀ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଉପଲକ୍ଷ୍ୟ ସ୍ଥାନୀୟ ବିଜୁ ପଟ୍ଟନାୟକ କଲେଜର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଓଡ଼ିଆ ବକ୍ତୃତା ଓ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା । ଏହି ଅବସରରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକ ଛାତ୍ରଛାତ୍ରୀ ଓ ଅତିଥି ମାନେ ଏକତା ସଂକଳ୍ପ ର ଶପଥ ପାଠ କରିଥିଲେ ଏହି ସଭାରେ ଶିକ୍ଷାବିତ ସତ୍ୟ ବାଦୀ ଦାସ, ଆଇନଜୀବୀ ଶିବ ପ୍ରସାଦ ମାଝୀ ପ୍ରସନ୍ନ କୁମାର ମିଶ୍ର, ଗ୍ରାମ ରକ୍ଷ ଆଚାର୍ଯ୍ୟ, ରମେଶ ଚନ୍ଦ୍ର ସାହୁ ସଞ୍ଜୟ କୁମାର ସାମନ୍ତ ସିଂହାର ପ୍ରତାପ କୁମାର ରାଉତରାୟ ଏବଂ ଅନେକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ.ଶେଷରେ ପଦ୍ମିତ୍ର ଗୋହନ ସୂତ୍ରଧର ଧନ୍ୟବାଦ ଅର୍ପଣ କରିଥିଲେ ।

ନାଇରା ଗ୍ରାମରେ ଯୁବକଙ୍କ ନୂତନ ପ୍ରୟାସ, ଗଠନ ହେଲା ଶ୍ରୀ ଶ୍ରୀ ଶ୍ରୀ ରାଧାକାନ୍ତ ସଂକୀର୍ତ୍ତନ ମଣ୍ଡଳୀ



ଗୁଣ୍ଡୁପୁର, ୩୧/୧୦ (ଆ.ପ୍ର) : ସନାତନ ଧର୍ମର ମହିମା ପ୍ରଚାର ଓ ଆଧ୍ୟାତ୍ମିକ ପରମ୍ପରାର ସଂରକ୍ଷଣ ଉଦ୍ଦେଶ୍ୟରେ ଯୁବପିଢ଼ିଙ୍କ ଏକ ନିଆରା ପଦକ୍ଷେପ ଦେଖିବାକୁ ମିଳିଛି । ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକର ନାଇରା ଗ୍ରାମରେ ଯୁବକ ଓ ବାଳକମାନଙ୍କ ମିଳିତ ଉଦ୍ୟମରେ ନୂତନ ଭାବେ 'ଶ୍ରୀ ଶ୍ରୀ ଶ୍ରୀ ରାଧାକାନ୍ତ ସଂକୀର୍ତ୍ତନ ମଣ୍ଡଳୀ' ଗଠନ କରାଯାଇଛି । ଏହି ପଦକ୍ଷେପକୁ ଅଂଚଳରେ ବେଶ୍ ପ୍ରଶଂସା କରାଯାଉଛି । ପୁରାତନ ରାଧାକାନ୍ତ ମନ୍ଦିରର ପରିସରକ ବିଶ୍ୱନାଥ ପାଣିଗ୍ରାହୀ ଓ ନୂତନ ମଠର ପରିଚାଳକ ସୂର୍ଯ୍ୟ ନାରାୟଣ ସାହୁଙ୍କ ପ୍ରତେଷ୍ଟାରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ମଣ୍ଡଳୀର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ଗ୍ରାମର ପଯୁନ ପଣ୍ଡା ଓ ବାଳକ ସଘର ପଣ୍ଡାଙ୍କ ନେତୃତ୍ୱରେ ଭକ୍ତିମୟ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ବହିନମାନ ଧ୍ୱନିରେ ନାଇରା ଗ୍ରାମ ସମେତ ଆଖପାଖ ଅଂଚଳ ଭକ୍ତିରସରେ ମୁଖରିତ ହୋଇଉଠିଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁରୁ ଦିବ୍ୟ ଜୀବନ ନିଙ୍କ ଯୋଗଦେଇ ଯୁବକମାନଙ୍କ ଏହି ଧାର୍ମିକ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଯୁବପିଢ଼ି ଧର୍ମ, ସଂସ୍କୃତି ଓ ପରମ୍ପରା ସହ ଯୋଡ଼ି ହୋଇ ରହିବା ସହ ସମାଜରେ ଆଧ୍ୟାତ୍ମିକ ଚେତନାର ପ୍ରସାର କରିବା ଦିଗରେ ଏପରି ମଣ୍ଡଳୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା ପ୍ରକାଶ କରାଯାଇଥିଲା । ଏହି ଧାର୍ମିକ ଉତ୍ସବରେ ରାୟଗଡ଼ା ଜିଲ୍ଲା ଓ ନିକଟବର୍ତ୍ତୀ ଅଂଚଳରୁ ଶତାଧିକ ଭକ୍ତ ଏବଂ ସଂକୀର୍ତ୍ତନପ୍ରେମୀ ଯୋଗଦେଇ ପ୍ରଭୁ ରାଧାକାନ୍ତଙ୍କ ଆଶୀର୍ବାଦ ଲାଭ କରିଥିଲେ । ଏଥିରେ ପଣ୍ଡିତ ସୁଧୀର ଚନ୍ଦ୍ର ରଥ, ପ୍ରକାଶ ରଥ, ଜଗନ୍ନାଥ ମହାପାତ୍ର, ବାଲ୍ୟ ପାଣିଗ୍ରାହୀ, ସଙ୍ଗତ ତୁଲସୀ ଶବର, ତ୍ରିନାଥ ମହାନ୍ତି, ନୀଳ ପଣ୍ଡା, ବାବୁଲା ମହାନ୍ତି, ଜାହୁ ଚରଣ ପାଣିଗ୍ରାହୀ, ଲତୁକିଶୋର ପଣ୍ଡା, ଶିବୁନ୍ ସାହୁ ଓ ଗିରିଧାରୀ ସାହୁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

ବିପଦରେ ବନ୍ଧୁ ସାଜି ବାତ୍ୟାବିପନ୍ନଙ୍କୁ ଖାଦ୍ୟ ପୋଷାକ ବାଂଟିଲା ସ୍ୱାକ ସଂଗଠନ



ଜି.ଉଦୟଗିରି, ୩୧/୧୦ (ଆ.ପ୍ର) : ବିପଦ ବେଳେ ମାନବିକତାର ପରିଚୟ ଦେଇ ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ପରିବାରଙ୍କ ସହାୟତା ପାଇଁ ଆଗେଇ ଆସିଛି ସୋସିଆଲ ଓ୍ୱର୍କର ଆସୋସିଏସନ୍ ଅଫ୍ ଜଜ୍ମାନ ସ୍ୱାକ । ସଂଗଠନର ଏହି ପଦକ୍ଷେପ ବିପଦ ସମୟରେ ସାମାଜିକ ଦାୟିତ୍ୱବୋଧ ଓ ମାନବିକ ସେବାର ଏକ ପ୍ରେରଣାଦାୟକ ଉଦାହରଣ ପାଲଟିଛି । ଗତ ୨୮ ତାରିଖରେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଜଗାର ବର୍ଷା ଯୋଗୁଁ ଜି. ଉଦୟଗିରି ବ୍ଲକ୍‌ର ଜଡିଙ୍ଗିଆ ପଂଚାୟତ ଅନ୍ତର୍ଗତ ଜଡିଙ୍ଗିଆ ଗ୍ରାମ ଏବଂ ଜାଖଗୁରା ବ୍ଲକ୍‌ର ବାଡାବାଡି ପଂଚାୟତ ଅନ୍ତର୍ଗତ ଗିଡ଼ିପାବାଡି ଗ୍ରାମରେ ଭୂସ୍ଖଳ ଘଟି ଅନେକ ପରିବାର ପ୍ରଭାବିତ ହୋଇଥିଲେ । ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଜଜ୍ମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀରେ ରଖାଯାଇଛି । ଏଭଳି ଦୃଶ୍ୟର ସମୟରେ ପ୍ରଭାବିତ ପରିବାରଙ୍କ ଦୃଶ୍ୟ ଓ ଅସୁବିଧାକୁ ଅନୁଭବ କରି ସ୍ୱାକ ପକ୍ଷରୁ ଆଶ୍ରୟସ୍ଥଳୀରେ ରହୁଥିବା ମୋଟ ୫୮ ଜଣଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା । ଏଥିସହ ଶିଶୁମାନଙ୍କୁ ପୋଷାକ ଏବଂ ମହିନାମାନଙ୍କୁ ଲୁଗା ପ୍ରଦାନ କରାଯାଇଥିଲା । କେବଳ ରିଲିଫ୍ ସାମଗ୍ରୀ ବଂଟନ ନୁହେଁ, ବରଂ ବିପଦ ସମୟରେ ସେମାନଙ୍କ ସହ ଆମେ ଅଛୁ ବୋଲି ଭରସା ଦେବା ଏହି ସହାୟତା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ଏହି ମାନବିକ ସେବା କାର୍ଯ୍ୟକ୍ରମରେ ସ୍ୱାକର ସଭାପତି ଆମନ ବହୁ ନାୟକ, ସମ୍ପାଦକ ହୃଷିକେଶ ପ୍ରଧାନ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ, ସଦସ୍ୟ ମିଥିର ବିଶାଳ, ଉପଦେଷ୍ଟା ଗୋଳକ ବିହାରୀ ପଟ୍ଟନାୟକଙ୍କ ସମେତ ସୋନକ ବହୁ ପ୍ରଧାନ ଓ ଅମିତ୍ ମଲ୍ଲିକ ସହଯୋଗ କରିଥିଲେ । ସମାଜସେବା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ସାମାଜିକ ଦାୟିତ୍ୱ ସମାଜର ଅସହାୟ, ନିରାଶ୍ରୟ ଓ ବିପଦରେ ଥିବା ଲୋକଙ୍କ ପାଖରେ ଠିଆ ହେବା ହିଁ ସଂଗଠନର ମୂଳ ଉଦ୍ଦେଶ୍ୟ । ସମାଜରେ ସଚ୍ଚୋଟ ହିଁ ମାନବିକତାର ସର୍ବଶ୍ରେଷ୍ଠ ପରିଚୟ । ସ୍ୱାକର ଏହି ପ୍ରୟାସ ଅନ୍ୟମାନଙ୍କୁ ମଧ୍ୟ ସମାଜସେବା ଓ ମାନବିକ ସହଯୋଗ ପାଇଁ ପ୍ରେରଣା ଯୋଗାଇବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି ।

ଏବିଭିପି କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧନା



ଜାଡତିହି, ୩୧/୧୦ (ଆ.ପ୍ର) : ଶନିବାର କେନ୍ଦୁଝର ଜିଲ୍ଲାର ମାନ୍ୟବର ସାଂସଦ ଅନନ୍ତ ନାୟକ ପଦ୍ମିମଙ୍କ ଯାଆଥିବା ବେଳେ ବିଶ୍ୱ ଡାଣ୍ଡି ମହାବିଦ୍ୟାଳୟ ଓ ଅଂଚଳିକ ମହାବିଦ୍ୟାଳୟର ନବ ନିର୍ଗତିତ ଛାତ୍ର ଛାତ୍ରୀ ମାନେ ଦୂର ବିଜେପି ନେତା ଅନନ୍ତ ନାୟକ ଓ ଅନନ୍ତପୁର ବିଜେପି ନେତା ଆଲୋକ କୁମାର ସେଠୀ ଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିବା ଦେଖିବାକୁ ମିଳିଥିଲା । ଯାହାକୁ ନେଇ ସାଂସଦ ଦେଶ ଖୁସି ଥିବା ବେଳେ ସିଲା ମାନଙ୍କ ର ଉଚ୍ଚାହ ଦେଖି ଗଲ ପାଠ ପଢି ନିଜ ନିଜ ଅଂଚଳ ର ଗର୍ବ ହୁଏ ବୋଲି ଆଶୀର୍ବାଦ ଦେଇଥିଲେ । ଫଟୋ

ଗଣିଆ ଥାନା ପରିସରରେ ଜାତୀୟ ଏକତା ଦିବସ ଓ ନିଶା ମୁକ୍ତ ଭାରତ ଅଭିଯାନ



ଦଶପଲ୍ଲା /ଗଣିଆ ୩୧/୧୦ (ଆ.ପ୍ର) : ସ୍ଥାନୀୟ ଗଣିଆ ଥାନା ପରିସରରେ 'ଜାତୀୟ ଏକତା ଦିବସ' ଏବଂ 'ନିଶା ମୁକ୍ତ ଭାରତ ଅଭିଯାନ' ମିଳିତ ଭାବେ ଅନୁଷ୍ଠିତ ହୋଇଯାଇଛି । ଦେଶର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ସମାବେଶରେ ପଶିଆ ଥାନାର ଏଏସ୍ଆଇ ଶ୍ୟାମସୁନ୍ଦର ପ୍ରଧାନ ଏବଂ ସ୍ଥାନୀୟ ନାଗରିକ ମଂଚର ସଭାପତି ଗିରିଶ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଅବଦାନ ଓ ଦେଶର ଏକତା ରକ୍ଷା କରିବାରେ ତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିସହିତ ସମାଜରୁ ନିଶା ନିବାରଣ ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ସହ ଏକ ସୁସ୍ଥ ତଥା ନିଶାମୁକ୍ତ ସମାଜ ଗଠନ ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତେ ଦେଶର ଅଖଣ୍ଡତା ବଜାୟ ରଖିବା ଏବଂ ନିଶାମୁକ୍ତ ଭାରତ ଗଠନ ପାଇଁ ସାମୂହିକ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଥାନାର ଅନ୍ୟାନ୍ୟ କର୍ମଚାରୀ, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ ବହୁ ସଂଖ୍ୟାରେ ଉପସ୍ଥିତି ରହି ସହଯୋଗ କରିଥିଲେ ।

ଖଣ୍ଡପଡ଼ା ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ଖଣ୍ଡପଡ଼ା, ୩୧/୧୦ (ଆ.ପ୍ର) : ଖଣ୍ଡପଡ଼ା ଥାନା ପକ୍ଷରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି । ଏ ଅବସରରେ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ଏକ ଗଣଦୌଡ କାର୍ଯ୍ୟକ୍ରମ ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଗଣଦୌଡରେ ଥାନାରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନେ ସାମିଲ ହୋଇଥିଲେ । ସେହିପରି ନିଶାଦ୍ରବ୍ୟ ବର୍ଜନ ଓ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ଏ ଅବସରରେ ସର୍ବସାଧାରଣଙ୍କୁ ପୁରିସ ପକ୍ଷରୁ ସଚେତନ କରାଯାଇଥିଲା । ଖଣ୍ଡପଡ଼ା ଥାନା ପରିସରରେ ଅପରାହ୍ନରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଜରିଆରେ ସୁରୁଚ ଗୁରୁଜାତରେ ମହାସମାରୋହରେ ପାଳିତ ହୋଇଥିବା ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଏକ ସ୍କିନ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହଂଚଳ ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ରହି ଏହି ଦିନ୍ଧା ପ୍ରସାରଣକୁ ଉପଭୋଗ କରିବା ସହ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଦେଶର ଅଖଣ୍ଡତା ବଜାୟ ରଖିବା ସହ ଏକ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ଶପଥ ନେଇଥିଲେ । ଏ ଅବସରରେ ଅନୁଷ୍ଠିତ ରଚନା ଓ ବକ୍ତୃତା ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

ଯାଜପୁରଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ରାଷ୍ଟ୍ରୀୟ ଏକତା ଦିବସ - ୨୦୨୬ ପାଳିତ



ଯାଜପୁର, ୩୧/୧୦ (ଆ.ପ୍ର) : ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଡିଆରଡିଏ ସଭାଗୃହଠାରେ ପୂର୍ବାହ୍ନ ୧୧:୦୦ ଘଟିକା ସମୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ - ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ସପ୍ତାହ ଚଳିତ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି । ଏହି ଅବସରରେ ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ବିଶାଳ ସଚେତନତା ରାଲି ବାହାଡି କୁଜୁମା ଦେଇ ଆସେକର ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା । ଏହି ରାଲିରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ସଚେତନତାର ବାର୍ତ୍ତା ବାଂଟିଥିଲେ । ଆଜିର ସଭାରେ ଜିଲ୍ଲାପାଳ ଅମର କୁମାର ଜଳ, ସବର ଏସଡିପିଓ ଶ୍ରୀ ପ୍ରଶାନ୍ତ କୁମାର ମାଝୀ, ଭିଜିଲାନ୍ସ ଡିଏସପି ସୁଶାନ୍ତ କୁମାର ଏକୁା, ଭିଜିଲାନ୍ସ ଡିଏସପି ସୁଲୋଚନା ନାଏକ ଏବଂ ଅତିରିକ୍ତ ସିଡିଓ ଲଯୋଦର ଖୁଣ୍ଟିଆ ପ୍ରମୁଖ ଅତିଥି ରାଜେ ଯୋଗଦାନ କରିଥିଲେ । ରାଷ୍ଟ୍ରୀୟ ଏକତା ଦିବସ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଭାରତର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ଶପଥ ଗ୍ରହଣ କ



ଶ୍ରୀମନ୍ଦିର ଆରମ୍ଭ

SEITHO ARAMBHA

ରବିବାର, ୧ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮



ଭାରତର ହ୍ୟାଟ୍ରିକ୍, ଜାପାନକୁ ୪-୧ରେ ହରାଇଲା





ଜଳନ୍ଧର, ୩୧/୧୦(ନ୍ୟୁ.ଏ): ସ୍ଥାନୀୟ ସ୍ପୋର୍ଟସ୍ ସିଂହ ହକି ଷ୍ଟାଡିୟମରେ ଚାଲିଥିବା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକିରେ ଭାରତର ଜୟଯାତ୍ରା ଜାରି ରହିଛି । ଭାରତ ଶୁକ୍ରବାର ଜାପାନକୁ ୪-୧ରେ ପରାସ୍ତ କରି କ୍ରମାଗତ ତୃତୀୟ ବିଜୟ ହାସଲ କରିଛି । ୧୧ତମ ମିନିଟ୍‌ରେ ଅରିଜିତ ସୋରେ କରି ଭାରତକୁ ୧-୦ରେ ଅଗ୍ରଣୀ କରିଥିଲେ, କିନ୍ତୁ ଏଥର ମାତ୍ର ୩ ମିନିଟ୍ ପରେ ଜାପାନ ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲ୍‌ରେ ରୂପାନ୍ତର କରି ସ୍କୋର୍ ୧-୧କୁ ଅଣ୍ଟାଇଲା । ଜାପାନ ଦନ ଜଣଙ୍କ ଖେଳ ପ୍ରଦର୍ଶନ କରି ତୃତୀୟ କ୍ୱାର୍ଟର ଶେଷ ପର୍ଯ୍ୟନ୍ତ ସ୍ଥିତିକୁ ୧-୧ରେ ରଖିବାରେ ବି ଚତୁର୍ଥ କ୍ୱାର୍ଟରରେ ଭାରତୀୟ ଦନ ଆକ୍ରାମକ ଖେଳ ପ୍ରଦର୍ଶନ କରି ଜଗତାର ୩ଟି ଗୋଲ ଦେଇଥିଲା । ଏହି କ୍ୱାର୍ଟର ଆରମ୍ଭରେ (୪୪ ତମ ମିନିଟ୍) ଭାରତକୁ ପ୍ରଥମ ପେନାଲ୍ଟି କର୍ଣ୍ଣର ମିଳିଥିଲା ଯାହାକୁ ଗୋଲ୍‌ରେ ରୂପାନ୍ତର କରିଥିଲେ ହରମନପ୍ରୀତ ସିଂହ । ୫ ମିନିଟ୍ ପରେ ବିଶ୍ୱଜୀତ ସିଂହ ଭାରତ ପକ୍ଷରୁ ଚତୁର୍ଥ ଗୋଲ୍ ଦେଇ ବିଜୟ ବ୍ୟବଧାନକୁ ବଢାର ଦେଇଥିଲେ । ପୂର୍ବରୁ ଭାରତ ନିଜର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୩-୧ରେ ଦ୍ୱିତୀୟ ମ୍ୟାଚ୍‌ରେ ଚୀନକୁ ୩-୧ରେ ପରାସ୍ତ କରିଥିଲା । ଏହି ପ୍ରତିଯୋଗିତାରେ ମାଲେସିଆର ଜୟଯାତ୍ରା ମଧ୍ୟ ଜାରି ରହିଛି । ଶୁକ୍ରବାର ଏହି ଦଳ ବାଂଲାଦେଶକୁ ୬-୧ରେ ପରାସ୍ତ କରି କ୍ରମାଗତ ତୃତୀୟ ବିଜୟ ହାସଲ କରିଛି । ମାଲେସିଆ ପକ୍ଷରୁ ଆରୁ କମାଲ ଅର୍ଜାଲ ଦୁଇଟି ଗୋଲ୍ ଦେଇଥିଲେ । ଶୁକ୍ରବାରର ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ୨-୧ରେ ଚୀନକୁ ପରାସ୍ତ କରିଛି । ବର୍ତ୍ତମାନ ପ୍ରତିଯୋଗିତାରେ ବାଂଲାଦେଶ ଓ ଚୀନ ଏପର୍ଯ୍ୟନ୍ତ ବିଜୟଶୂନ୍ୟ ରହିଛନ୍ତି ।

ଯଦି ବୈଭବ ସୂର୍ଯ୍ୟବଂଶୀଙ୍କୁ ଖେଳାଇବାର ନାହିଁ, ଘରକୁ ପଠାଅ : ଆକାଶ ଚୋପ୍ରା



ନୂଆଦିଲ୍ଲୀ, ୩୧/୧୦(ନ୍ୟୁ.ଏ): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ପାଂଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ତୃତୀୟ ମ୍ୟାଚ୍ ଶେଷ ହୋଇଛି । ଇଶାନ କିଶନ ଆହତ ହେବା ଭାରତରୁ ଦେଇଛ ସୂର୍ଯ୍ୟବଂଶୀଙ୍କୁ ଦୁଇଟି ମ୍ୟାଚ୍ ଖେଳିବାର ସୁଯୋଗ ମିଳି ଥିଲା । କିନ୍ତୁ ଇଶାନ ଫିଟ୍ ହେବା ମାତ୍ରେ ବୈଭବଙ୍କୁ ପ୍ଲେଇଂ ଇଲେଭେନରୁ ବାହାର କରି ଦିଆ ଗଲା । ବୈଭବ ସୂର୍ଯ୍ୟବଂଶୀ ଭାରତରେ ଆଫଗାନିସ୍ତାନ ଓ ଦ୍ୱେଷ୍ଟଇଣ୍ଡିଜ ବିରୁଦ୍ଧରେ ଖେଳା ଯାଇଥିବା ଟି-୨୦ ସିରିଜରେ ଭାରତୀୟ ଟିମ ସଦସ୍ୟ ରହି ଥିଲେ, କିନ୍ତୁ ପ୍ଲେଇଂ ଇଲେଭେନରେ ସ୍ଥାନ ମିଳି ନଥିଲା । ତାଙ୍କୁ ଆୟରଲାଣ୍ଡରେ ମଧ୍ୟ ସୁଯୋଗ ଦିଆଯାଇ ନଥିଲା । ଜଂଜଖରେ ଖେଳାଯାଇ ଥିବା ପାଂଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ତାଙ୍କୁ ତିନୋଟି ମ୍ୟାଚରେ ଖେଳା ଯାଇ ଥିଲା । ବର୍ତ୍ତମାନ ସୁଦ୍ଧା ବୈଭବ ସୂର୍ଯ୍ୟବଂଶୀ ନିଜର ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟ ୧୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ଯାହାର ସମସ୍ତ ୧୦ଟି ଇନିଂସରେ ବ୍ୟାଟି କରି ୨୯.୫ ହାରରେ ୧୮୫.୫୪ ଷ୍ଟାଇକ୍ ରେଟ୍ ସହ ମୋଟ ୨୯୫ ରନ କରିଛନ୍ତି । ଏହି ସମୟରେ ସେ ଦୁଇଟି ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ବିହାରର ସମସ୍ତୀପୁରରୁ ଆସିଥିବା ୧୫ ବର୍ଷୀୟ ଏହି ଯୁବ ଖେଳାଳିଙ୍କୁ ଭାରତୀୟ ଭାବେ ଅଣଦେଖା କରାଯାଇ ଥିବାରୁ ପୂର୍ବତନ ଭାରତୀୟ କ୍ରିକେଟର ତଥା ପ୍ରସିଦ୍ଧ କମେଂଟ୍ରେଟର ଆକାଶ ଚୋପ୍ରା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଯଦି ବୈଭବଙ୍କୁ କେବଳ ବ୍ୟାଜଅପ୍ ବ୍ୟାଟ୍‌ସ୍ମ୍ୟାନ୍ ଭାବେ ରଖିବାର ଥଲା, ତେବେ ତାଙ୍କୁ ଘରକୁ ପଠାଇ ଦିଆଯାଉ । ଆକାଶ ଚୋପ୍ରା ନିଜର ୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି-ଗତ ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀ ୧୯ଟି ବଲରୁ ୪୫ ରନ୍ କରିଥିଲେ ଏବଂ ଚମତ୍କାର ବ୍ୟାଟିଂ କରି ଥିଲେ । କିନ୍ତୁ ଇଶାନ ଫିଟ୍ ହେବା ପରେ ତାଙ୍କୁ ବାହାର କରି ଦିଆଗଲା । ସିରିଜ୍ ଜିତି ସାରିଲା ପରେ ଯେତେବେଳେ ମ୍ୟାଚ୍ ଗୁଡ଼ିକ ଗୁରୁତ୍ୱହୀନ ହୋଇଯାଏ, ସେତେବେଳେ ଯୁବାମାନଙ୍କୁ ସୁଯୋଗ ଦିଆଯିବା ଉଚିତ୍ ।

ଭାରତୀୟ ବାୟୁସେନାର ନୂଆ ମୁଖ୍ୟ ହେଲେ ଆଶୁତୋଷ ଦୀକ୍ଷିତ



ନୂଆଦିଲ୍ଲୀ, ୩୧/୧୦(ନ୍ୟୁ.ଏ): ଭାରତୀୟ ବାୟୁସେନାକୁ ମିଳିଲେ ନୂଆ ମୁଖ୍ୟ । ଏୟାର ଚିଫ୍ ମାର୍ଶାଲ ଆଶୁତୋଷ ଦୀକ୍ଷିତ ୩୧ ଅକ୍ଟୋବର ୨୦୨୬ରେ ଭାରତୀୟ ବାୟୁସେନାର ୨୯ତମ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହଙ୍କ ସ୍ଥାନ ନେଇଛନ୍ତି । ୪୨ ବର୍ଷର ଗୌରବମୟ ସାମରିକ ସେବା ପରେ ଏହି ସିଂହ ଅସରର ଗ୍ରହଣ କରିଛନ୍ତି । ଗତ ୬ ଅକ୍ଟୋବରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଆଶୁତୋଷ ଦୀକ୍ଷିତଙ୍କ ନିଯୁକ୍ତି ନେଇ ଘୋଷଣା କରିଥିଲା । ୧୯୬୬ ଡିସେମ୍ବର ୯ରେ ଜନ୍ମଗ୍ରହଣ କରିଥିବା ଆଶୁତୋଷ ଦୀକ୍ଷିତ ୧୯୮୬ ଡିସେମ୍ବର ୬ରେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ । ପ୍ରାୟ ୪୦ ବର୍ଷର ସାମରିକ କ୍ୟାରିୟର ମଧ୍ୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଅପରେସନ୍ସ ଓ ରଣନୈତିକ ଦାୟିତ୍ୱ ତୁଲାଇଛନ୍ତି । ତାଙ୍କର ୩୫୦୦ ଘଂଟାରୁ ଅଧିକ ବିମାନ ଉଡ଼ାଣ ଅଭିଜ୍ଞତା ରହିଛି । ମିରାଜ୍-୨୦୦୦, ମିଗ୍, ଜାଗୁଆର, ଡୋର୍ନ୍ସ, ହିଜଣ, ଇଲ୍ ଏବଂ ଆଇଏଲ୍-୭୮ ଭଳି ବିରିନ୍ସୁ ଯୁଦ୍ଧ ବିମାନ ଓ ବିମାନ ଉଡ଼ାଣତାର ଅଭିଜ୍ଞତା ରହିଛି ତାଙ୍କର । ସେ ଜଣେ ଏକ୍‌ସପେରିମେଂଟାଲ୍ ଟେଷ୍ଟ ପାଇଲଟ୍ ଏବଂ ଯୋଧ ଫ୍ଲାଇଂ ଇନଷ୍ଟ୍ରକ୍ଟର ମଧ୍ୟ । ଅପରେସନ୍ ସନ୍ଦେଟ ସାଗର, ଅପରେସନ୍ ରକ୍ଷକ ଓ ଅପରେସନ୍ ସିନ୍ଦୁରରେ ତାଙ୍କର ଅଭିଜ୍ଞତା ରହିଛି । ବାୟୁସେନା ମୁଖ୍ୟ ହେବା ପୂର୍ବରୁ ସେ ଭାଇସ୍ ଚିଫ୍ ଅଫ୍ ଦି ଏୟାର ଷ୍ଟାଫ୍, ଡେପୁଟି ଚିଫ୍ ଅଫ୍ ଦି ଏୟାର ଷ୍ଟାଫ୍ ଏବଂ ସେଂଟ୍ରାଲ୍ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ । ତାଙ୍କର ଉତ୍କୃଷ୍ଟନୀୟ ସେବା ପାଇଁ ୨୦୦୬ରେ ବାୟୁସେନା ମେଡାଲ, ୨୦୨୧ରେ ବିଶିଷ୍ଟ ସେବା ମେଡାଲ, ୨୦୨୩ରେ ଅତି ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ ହୋଇଛନ୍ତି । ଏବେ ତାଙ୍କ ନେତୃତ୍ୱରେ ଭାରତୀୟ ବାୟୁସେନା ନିଜକୁ ନୂଆ ଶକ୍ତି ଓ ଦିଗ ପାଇବ, ତାହା ଉପରେ ସମସ୍ତଙ୍କ ନଜର ।

ପଞ୍ଜାବ ନିର୍ବାଚନ ପାଇଁ ଆପର ୪୦ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା



ଚଣ୍ଡୀଗଢ଼, ୩୧/୧୦(ନ୍ୟୁ.ଏ): ଆଗାମୀ ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ଶାସକ ଆମ୍ ଆଦମୀ ପାର୍ଟି (ଆପ୍) ଶନିବାର ତା'ର ୪୦ ଜଣିଆ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ନିର୍ବାଚନର ପ୍ରାୟ ୪ ମାସ ପୂର୍ବରୁ ପ୍ରାର୍ଥୀ ଘୋଷଣା କରି ଦଳ ନିଜର ନିର୍ବାଚନୀ ପ୍ରଚାରକୁ ଆଗୁଆ ଶାଣିତ କରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଥମ ତାଲିକାରେ ଦଳ କୌଣସି ନୂଆ ଚେହେରାକୁ ସୁଯୋଗ ନଦେଇ ସମସ୍ତ ୪୦ଟି ଆସନରେ ଥିବା ବିଧାୟକଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିଛି । ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ନିଜର ପାରମ୍ପରିକ ଆସନ ''ଧୂରୀ''ରୁ ପୁଣି ଥରେ ନିର୍ବାଚନ ଲଢ଼ିବେ । ଦେହିଟରି ଲୁଧିଆନା ଦ୍ୱେଷ୍ଟ ଆସନରୁ ଜେରରେ ଥିବା ବିଧାୟକ ସାଞ୍ଜାବ ଅରୋଡ଼ାଙ୍କୁ ଦଳ ପୁନଃପ୍ରାର୍ଥୀ କରିଛି । ଅନ୍ୟ ପ୍ରମୁଖ ନେତାମାନଙ୍କ ମଧ୍ୟରେ ଅମୃତସର ସାଉଥରୁ ଡକ୍ଟର ଇନ୍ଦରବୀର ସିଂହ ନିଜର, ଆଜନାଲାରୁ କୁଲଦୀପ ସିଂହ ଧାଲିୱାଲ, ଜଉରାପାଉରୁ ଡରଲୀନ ସିଂହ, ପାଟିଆଲାରୁ ଅଜିତପାଲ ସିଂହ କୋହଲି, ମୋହାଲିରୁ କୁଲୱନ୍ତ ସିଂହ ଏବଂ ଜୋଟକପୁରାରୁ କୁଲତାର ସିଂହ ସନ୍ଧୱାନଙ୍କ ନାମ ରହିଛି । ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ସୂଚନା ଦେଇଛନ୍ତି ଯେ, ଜନସାଧାରଣଙ୍କ ସର୍ଭେ ଏବଂ ବିଧାୟକମାନଙ୍କ କାର୍ଯ୍ୟଦକ୍ଷତା ଆଧାରରେ ହିଁ ପ୍ରାର୍ଥୀ ଚୟନ କରାଯାଇଛି । ୧୧୭ ଆସନ ବିଶିଷ୍ଟ ପଞ୍ଜାବ ବିଧାନସଭାର ପ୍ରାୟ ୩୪ ପ୍ରତିଶତ ଆସନରେ ପ୍ରାର୍ଥୀ ଘୋଷଣା କରିଥିବା ଦେଇ ଆପ୍‌ର ସାଧାରଣ ସମ୍ପାଦକ ଦନ ଚା'ର ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିବ । ତାଲିମେଟିକ ବିଶ୍ଲେଷକଙ୍କ ମତରେ, ଆପ୍ରୁ। ପ୍ରାର୍ଥୀ ଘୋଷଣା କରି ଆମ୍ ବିରୋଧୀ ଦଳଗୁଡ଼ିକ ଉପରେ ଚାପ ସୃଷ୍ଟି କରିବା ସହ ନିଜ ପ୍ରାର୍ଥୀମାନଙ୍କୁ ସ୍ଥାନୀୟ ସ୍ତରରେ ସଂଗଠନ ମଜବୁତ କରିବାକୁ ପର୍ଯ୍ୟାପ୍ତ ସମୟ ଦେଇଛି ।

ସାମ୍ବାଦିକ ନିଧି ରାଜଦାନଙ୍କୁ ବିବାହ କଲେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା



ନୂଆଦିଲ୍ଲୀ, ୩୧/୧୦(ନ୍ୟୁ.ଏ): ଦ୍ୱିତୀୟ ବିବାହ କରିଛନ୍ତି ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା । ପ୍ରତିଷ୍ଠିତ ସାମ୍ବାଦିକ ନିଧି ରାଜଦାନଙ୍କୁ ସେ ବିବାହ କରିଥିବା ପୂରା ଦେଶକୁ ସୋଶାଲ ମିଡିଆ ଜରିଆରେ ଅବଗତ କରିଛନ୍ତି । ଜନଗ୍ରାମରେ ନିଧିଙ୍କ ସହ ଏକାଧିକ ଫଟୋ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଓମାର ଲେଖିଛନ୍ତି, "ଶୁକ୍ରବାର ଗୋଟିଏ ନୂଆ ଯାତ୍ରା ଆରମ୍ଭ ହୋଇଛି ।" ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ନିଜ ବାହାଘର ଖବର ଜଣାଇବା ପରେ ଏହାର ଫଟୋ ଗୁଡ଼ିକ ସୋଶାଲ ମିଡିଆରେ ଦେଖି ଲାଇକାର ଦେବାରେ ଲାଗିଛି । ୩ ମାସ ତଳେ ଓମାର ଅବଦୁଲ୍ଲାଙ୍କ ଛାତ୍ରପତ୍ର ଆବେଦନ ଉପରେ ମୋହର ମାରିଥିଲେ । ପ୍ରାୟଳଙ୍କ ପରୁ ଛାତ୍ରପତ୍ର ମଞ୍ଜୁର କରିବା ପରେ ଓମାର ଏବେ ସାମ୍ବାଦିକ ନିଧିଙ୍କୁ ନିଜ ଜୀବନ ସାଥୀ ଭାବେ ବଛିଛନ୍ତି । ନିଧିଙ୍କର ମଧ୍ୟ ଏହା ଦ୍ୱିତୀୟ ବିବାହ । ଏକଦା ଏନଡି ଟିଭି ପାଇଁ କାମ କରିଥିବା ନିଧି ବିଜୁର ଜଣେ ସାମ୍ବାଦିକଙ୍କୁ ବିବାହ କରିଥିଲେ । ୨୦୦୫ରୁ ୨୦୦୨ ଯାଏ ଉଭୟ ଏକାଠି ରହିବା ପରେ ଅଲଗା ହୋଇଯାଇଥିଲେ । ନିଧିଙ୍କ ପଚୁ ଅଲଗା ରହିବା ପରେ ତାଙ୍କ ସ୍ୱାମୀ-ସ୍ତ୍ରୀ ଅଲଗା ଅଲଗା ରହିବା ଆରମ୍ଭ କରିଥିଲେ । ଏପରି କି ଓମାର ୨୦୧୬ରେ ପାୟଲଙ୍କୁ ଠାରୁ ଛାଡ଼ପତ୍ର ନେବାକୁ ଆବେଦନ କରିଥିଲେ । ୨୦୨୬ରେ ସୁପ୍ରିମକୋର୍ଟ ଏହି ଛାଡ଼ପତ୍ର ଉପରେ ମୋହର ମାରିଥିଲେ । ପ୍ରାୟଳଙ୍କ ପରୁ ଛାଡ଼